## ମୋରମ ଚାଲାଣ:୪୫ ହଜାର ଜରିମାନା ଆଦାୟ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ପକ୍ଷରୁ ମହୁରୁଣ୍ଡି ଗାଁ ନିକଟରେ ସୋମବାର ବେଆଇନ ଭାବେ ଚାଲାଣ ହେଉଥିବା ମୁରମ ବୋଝେଇ ଟ୍ରାକ୍ଟର ଉପରେ ଚଢାଉ କରାଯାଇଥିଲା। ଉକ୍ତ ୨ ଟ୍ରାକ୍ଟରର କାଗଜପତ୍ର ଠିକ୍ ନ ଥିବାରୁ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ୪୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କହିଛନ୍ତି।

## ସଂକ୍ଷେପରେ

### ବିଳମ୍ବରେ ପହଞ୍ଚିଲେ ଶିକ୍ଷକ, ଅଭିଭାବକ ଅସନ୍ତୋଷ

ଖପ୍ରାଖୋଲ,୫।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଚାଉଳବାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏଠାରେ ୪ଜଣ ଶିକ୍ଷକ ଥିବାବେଳେ ୨୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସୋମବାର ପୂର୍ବାହ୍ନ ୧୦ଟା ୪୫ଯାଏ ଶିକ୍ଷକମାନେ ବିଦ୍ୟାଳୟରେ ପହଞ୍ଚି ନ ଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସେଠାରେ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ପ୍ରଧାନଶିକ୍ଷକ ସୁରୁଲାଲ ଦୀପ ଆସି ସ୍କୁଲ ଖୋଲିଥିଲେ। ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ପଚାରିବାରୁ ଶିକ୍ଷକ ବିଳମ୍ବରେ ପହଞ୍ଚିବା ନେଇ ଅଭିଯୋଗ ହୋଇଛି। ଏବିଇଓ, ସିଆର୍‌ସିସିଙ୍କୁ ଘଟଣାର ତଦନ୍ତ ପାଇଁ କୁହାଯାଇଛି। ରିପୋର୍ଟ ମିଳିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ଜେଜେ ମା'ଜେଜେବାପା ସମ୍ମିଳନୀ

ଲୋଇସିଂହା,୫।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେମା ଜେଜେବାପା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ଧର୍ମସିଂ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଭାରତର ସଂସ୍କୃତି, ପରମ୍ପରା ତଥା ଭାରତର ଆଧ୍ୟାତ୍ମିକ ଚେତନାର କେନ୍ଦ୍ରବିନ୍ଦୁ ବିଷୟରେ ଆଲୋକପାତ କରିଥିଲେ। ନାତିନାତୁଣୀମାନଙ୍କ ପ୍ରତି ଜେଜେମା ଜେଜେବାପାଙ୍କ ଉତ୍ତରଦାୟିତ୍ୱ ତଥା କର୍ତ୍ତବ୍ୟବୋଧ ବିଷୟରେ କହିଥିଲେ ମୁଖ୍ୟଅତିଥି । ଏହି ସମ୍ମିଳନୀରେ ଜେଜେମା ଜେଜେବାପାଙ୍କର ଅମୃତ କଳସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାମାୟଣ କଥାବସ୍ତୁ ଶବରୀଙ୍କ ଅଇଁଠା କୋଳି ପ୍ରଦାନ ପ୍ରସଙ୍ଗ ଧାରାବାହିକ ପ୍ରଦର୍ଶିତ କରାଯାଇଥିଲା। ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୀତା ଜୟନ୍ତୀ ପାଳିତ

ଲୋଇସିଂହା,୫।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଶାଖା ଆନୁଯାୟୀ ଗୀତା ସ୍ପର୍ଦ୍ଧା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଷ୍ଟମ ଶ୍ରେଣୀର ଚୈତନ୍ୟ ପ୍ରଥମ, ଦଶମର ଶ୍ରୀକୃଷ୍ଣ ଦ୍ୱିତୀୟ ଓ ପଞ୍ଚମ ଶ୍ରେଣୀର ଶାରଦା ତୃତୀୟ ହୋଇଥିଲେ। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ଚିତ୍ତରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଦୈନନ୍ଦିନ ଜୀବନରେ ଗୀତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭୂତି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ରସାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍କୁଲକୁ ଯିବାଆସିବାବେଳେ ଛାତ୍ରୀଛାତ୍ର ହଟହଟା

**ପାହାଚ ନିର୍ମାଣ ହେଲାନି**

ଲୋଇସିଂହା,୫।୧୨(ଡି.ଏନ.ଏ): ବରଗଡ-ବଲାଙ୍ଗୀର ୨୬ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ଏହିକ୍ରମରେ ଲୋଇସିଂହା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଗେଟ୍ ଆଗ ରାସ୍ତା ପାର୍ଶ୍ୱ ଡ୍ରେନ କାମ କରାଯାଇଛି। ହେଲେ ଏଠାରେ ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବା ପାଇଁ ପାହାଚ ନିର୍ମାଣ କରାଯାଇନାହିଁ। ପ୍ରାୟ ଅଢେଇ ଫୁଟ ଓହ୍ଲାଇ ଓ ଚଢି ଯିବା ଆସିବାବେଳେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଶିକ୍ଷା ବିଭାଗ ଓ ଏନଏଚ ଡିଭିଜନର ଦୃଷ୍ଟି ପଡୁନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମାସାଧିକ କାଳ ହେଲା ଡ୍ରେନ କାମ ସଲାଣି। ପରୁଣା ରାସ୍ତାରୁ ଡ୍ରେନ ଉଚ୍ଚତା ଅଢେଇରୁ ୩ ଫୁଟ ବଢାଇ ଦିଆଯାଇଛି। ସ୍କୁଲ ଗେଟ ପଟରେ ପାହାଚ ନହେଲେ ଛାତ୍ରୀଛାତ୍ର ସ୍କୁଲ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେବା ନେଇ ଆଶଙ୍କା କରି ପାହାଚ ନିର୍ମାଣ କରିଦେବାକୁ ସ୍କୁଲ କର୍ତ୍ତୃପକ୍ଷ ସେତେବେଳେ ଏନଏଚ ଡିଭିଜନ ଯନ୍ତ୍ରୀଙ୍କୁ କହିଥିଲେ। ଯନ୍ତ୍ରୀ ସେତେବେଳେ ହଁ କହିଥିଲେ ହେଁ କାମ ହେଲା ନାହିଁ। ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କଳାକାରର ଉନ୍ନତିରେ କଳାର ବିକାଶ

ମୁରିବାହାଲ, ୫।୧୨(ଡି.ଏନ.ଏ.)



କଳାକାର ସମାବେଶରେ ମଞ୍ଚାସୀନ ଅତିଥିମାନେ।

- ୩ବ୍ଲକର କଳାକାରଙ୍କୁ ନେଇ ସମାବେଶ
- କଳା ପ୍ରଦର୍ଶନ କଲେ ୨୨କଳାକାର ଗ୍ରୁପ

ବଲାଙ୍ଗୀର ଜିଲା ସଇଁତଳା, ତୁରେକେଲା ଓ ମୁରିବାହଲ ବ୍ଲକର କଳାକାରମାନଙ୍କୁ ନେଇ ସୋମବାର ମୁରିବାହଲ ବ୍ଲକ ବନ୍ଧୁପଲା ପଞ୍ଚାୟତ ପରିସରରେ ଏକ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ବ୍ଲକ କଳାକାର ସଂଘ ସଭାପତି କୈଳାସ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶକୁ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପଶ୍ଚିମ ଓଡ଼ିଶା ଲୋକକଳା ପୁନରୁଦ୍ଧାର ପରିଷଦ ସଭାପତି ଅମିଲ ପୁଟଲ, ବନବାସୀ କଲ୍ୟାଣ ଆଶ୍ରୟ କେନ୍ଦୁଝର ଜିଲା ପ୍ରମୁଖ ସରୋଜ କୁମାର ଶତପଥୀ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ବନ୍ଧୁପଲା ସରପଞ୍ଚ ପ୍ରିୟବ୍ରତ ପ୍ରଧାନୀ, ଖପ୍ରାଖୋଲ ବ୍ଲକ ସଭାପତି ଥବିର ଚରଣ ସାହୁ, ସଂଗଠକ ଋଷିରାଜ ବୁଡେକ, ସତ୍ୟବ୍ରତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କଳାକାରଙ୍କ ପାଇଁ ଥିବା ବିଭିନ୍ନ ଯୋଜନାର ସୁଫଳ କିପରି କଳାକାର ପାଇ ପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାମାଞ୍ଚଳର ଲୁପ୍ତପ୍ରାୟ କଳା ଓ କଳାକାରଙ୍କ ବିକାଶ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସମାବେଶରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦୀନବନ୍ଧୁ ବଗର୍ତ୍ତୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯଦୁମଣି ଭୋଇ, କାନ୍ତ ବଗର୍ତ୍ତୀ, ଅକ୍ଷୟ ନାଗ, ବେଣୁଧର ପୁଟଲ, ପୁରନ୍ଦର ପୁଟଲ ପ୍ରମୁଖ ସହଯୋଗ କରିଥିଲେ। ସମାବେଶରେ ୨ହଜାରରୁ ଉର୍ଦ୍ଧ୍ୱ କଳାକାର ଉପସ୍ଥିତ ଥିଲେ। ୨୨ କଳାକାର ଗ୍ରୁପ ନିଜର କଳା ନୈପୁଣ୍ୟ ପ୍ରଦର୍ଶିତ କରିଥିଲେ। ଏଥିପୂର୍ବରୁ ପଶ୍ଚିମ ଓଡ଼ିଶାର ଲୋକକଳା ପୁନରୁଦ୍ଧାର ପରିଷଦ ଓ ମୁରିବାହଲ ବ୍ଲକ କଳାକାର ସଂଘ ।ନେତୃତ୍ୱରେ କଳାକାରମାନେ ନଗର ପରିକ୍ରମା କରି ସଭାସ୍ଥଳକୁ ଯାଇଥିଲେ।

# ସିଏଚ୍‌ସି ମାନ୍ୟତା ପ୍ରଦାନ ଦାବି ତେଜିଲା

ଲାଠୋର, ୫।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ର ମାନ୍ୟତା ପ୍ରଦାନ ଦାବି ଜେତିବାରେ ଲାଗିଛି। ଲାଠୋର ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ ଏହି ଦାବିକୁ ନେଇ ଆଗକୁ ଆସିଛି। ସୋମବାର ସଂଗଠନ ନେତୃତ୍ୱରେ ଲାଠୋର ପଞ୍ଚାୟତ ଗୃହରେ ଅନୁଷ୍ଠିତ ବୈଠକରେ ଜୟ ମା' ବନ୍ଦ୍ରେନ ଓଡ଼ିଆ ବଣିକ ସଂଘ ସଦସ୍ୟ ଜିଷ୍ଣୁକାନ୍ତ ମେହେର, ସୁଶାନ୍ତ ମେହେର, ଅନିରୁଦ୍ଧ ମେହେର, ଧନୁଯାତ୍ରା କମିଟି ସଦସ୍ୟ ହରି ବାରିକ, ସଚିକାନ୍ତ ଦାସ, ଦୁର୍ଗା ପୂଜା କମିଟିର ଉମେଶ ଭଇଁଷାଲ, ରାଇଟ ଟୁ ଫାଇଟ ଅନୁଷ୍ଠାନର ସୁଶିଲ ଅଗ୍ରୱାଲ, କୋଶଲ ମୁକ୍ତି ମୋର୍ଚ୍ଚାର କାଶିନାଥ ମେହେର ଏବଂ ସୁଶାନ୍ତ ବେହେରା, ଡ୍ରାଇଭର ମହାସଂଘର ଦିଲୀପ ନାଏକ ଯୋଗ ଦେଇଥିଲେ। ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖପ୍ରାଖୋଲ, ତୁରେକେଲା, ବେଲପଡ଼ା ବ୍ଲକ ଏବଂ ପଡୋଶୀ ନୂଆପଡ଼ା ଜିଲା କୋମନା ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରନ୍ତି। ଏହାକୁ ଆଖି ଆଗରେ ରଖି ୨୦୦୩ ମସିହାରେ ଗ୍ରାମବାସୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଥିଲେ। ୧୯ବର୍ଷ ବିତିଯାଇଥିଲେ ବି କୌଣସି ସୁଫଳ ମିଳିଲା ନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇଥିବାରୁ ଛୁଟି ଦିନ କିମ୍ବା ରାତିରେ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ବ୍ୟବସ୍ଥା ନାହିଁ ବୋଲି ଖୋଦ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କହୁଛନ୍ତି। ଏହି ସବୁ ସମସ୍ୟାର ସମାଧାନ ଦିଗରେ ସ୍ୱର ଉଠାଇବାକୁ ବୈଠକରେ ଉପସ୍ଥିତ ଅନୁଷ୍ଠାନଗୁଡ଼ିକ ସହମତି ପ୍ରକାଶ କରିଥିଲେ। ଆଗାମୀ ଦିନରେ ସମସ୍ତ ଅନୁଷ୍ଠାନ ମିଳିତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ସ୍ଥିର ହୋଇଛି। ଏହି ଅବସରରେ ସାବାସ ସଂଗଠନ ସଭାପତି କପିଳ ସୁନା, ବରିଷ୍ଠ ସଦସ୍ୟ ବିଶ୍ୱହରି ନାଗ, ବିଦ୍ୟାଧର ଗୁର୍ଲା, ରାଜକୁମାର ତାଣ୍ଡି, ରାହୁଲ ସୋନି, ପୁରନ୍ଦର ସୁନା, ଗଙ୍ଗାଧର ଶଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ବିଭିନ୍ନ ସଂଗଠନ ସଦସ୍ୟ।

# ଶିକ୍ଷାର ବିକାଶ, ବିଜ୍ଞାନର ଉନ୍ନତି ଲକ୍ଷ୍ୟ ହେଉ

ଦେଓଗାଁ,୫।୧୨(ଡି.ଏନ.ଏ)



ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ଦେଓଗାଁ ବ୍ଲକସ୍ତରୀୟ ବିଜ୍ଞାନ ମେଳା**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗୌରଗୋଠ ଗ୍ରାମପଞ୍ଚାୟତ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟସ୍ତରରେ ମନୋନୀତ ହୋଇଥିବା ୧୨୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୨୦ ପ୍ରକଳ୍ପକୁ ବ୍ଲକସ୍ତରରେ ପୁରସ୍କୃତ କରାଯାଇଥିଲା। ସେଥିରୁ ୭ଟି ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ୭ ଓ ୮ ତାରିଖରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଏହି ପ୍ରକଳ୍ପ ପ୍ରଦର୍ଶିତ ହେବ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଶିକ୍ଷାର ବିକାଶ ଓ ବିଜ୍ଞାନର ଉନ୍ନତି ଏକମାତ୍ର ଲକ୍ଷ୍ୟ ହେବା କଥା ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ, ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତି ଛତ୍ରିଆ, ବଡବାହାଲ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ରଣା, ଗୌରଗୋଠ ସରପଞ୍ଚ ରଞ୍ଜିତା ସାହୁ, ଆବାହକ ଅମ୍ବରିଶ ଭୋଇ, ସ୍କୁଲ ପରିଚାଳନା କମିଟି ସଭାପତି ପୁରନ୍ଦର ଭୋଇ, ପୂର୍ବତନ ସରପଞ୍ଚ ଅଶୋକ ରଣା, ଏବିଇଓ ଅଜିତ ମିଶ୍ର, ଲୋଚନ ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରା ସଭା ସଂଯୋଜନା କରିଥିଲେ।

# ହାତୀ ଆକ୍ରମଣରେ ଚାଷୀ ମୃତ

ଦେଓଗାଁ, ୫।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରା ନିକଟ ଚାଷ ଜମିରେ ହାତୀପଲ ଆକ୍ରମଣରେ ସୋମବାର ସନ୍ଧ୍ୟାରେ ଜଣେ ଚାଷୀଙ୍କ ଜୀବନ ଯାଇଛି। ମୃତ ଚାଷୀ ହେଲେ ଖଇରଗୁରା ଗ୍ରାମର ମାଛୁ ମହାନନ୍ଦ(୫୨)। ମାଛୁ ନିଜ ଜମିକୁ ଧାନପେଟା ଜଗିବା ପାଇଁ ଯାଇଥିଲେ। ଏହି ସମୟରେ ହାତୀପଲ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କଠାରୁ ଖବର ପାଇ ତୁଷୁରା ପୋଲିସ ଓ ବଲାଙ୍ଗୀର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ୧୪ଟିକିଆ ହାତୀପଲ ଖଇରଗୁରା ନିକଟସ୍ଥ ଜଙ୍ଗଲରେ ରହିଥିବା ସୂଚନା ମିଳିଛି । ଗଜସାଥୀଙ୍କ ସମେତ ବନ କର୍ମଚାରୀମାନେ ହାତୀ ଘଉଡାଇବା କାର୍ଯ୍ୟର ନିୟୋଜିତ ଥିବା ବିଭାଗ ସୂଚନା ଦେଇଛି।

# ଏଡ୍‌ସ ସଚେତନତା ମାରାଥନରେ ୮୬ପ୍ରତିଯୋଗୀ

ଟିଟିଲାଗଡ଼, ୫।୧୨ (ଡି.ଏନ.ଏ)

ଏଡସ ସଚେତନତା ସପ୍ତାହ ପାଳନ ଅବସରରେ ଟିଟିଲାଗଡ ଏସଏମ ଫିଟନେସ ଏବଂ ଲାୟନ୍ସ କ୍ଲବ ପକ୍ଷରୁ ଟିଟିଲାଗଡରେ ମାରାଥନ ରେସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୮୬ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟିଟିଲାଗଡ-ବେଲଗାଁ ରାସ୍ତାର ଦେସିଲରୁ ସକାଳ ୬ଟାରୁ ୧୦କିଲୋମିଟର ଟିଟିଲାଗଡ ପର୍ଯ୍ୟନ୍ତ ମାରାଥନ ରେସ ହୋଇଥିଲା। ପରେ ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ସଭାରେ ପ୍ରତିଯୋଗୀଙ୍କୁ ଏସଏମ ଫିଟନେସର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ମହାନ୍ତି ଶୁଭେଚ୍ଛା ଜଣାଇଥିଲେ। ପ୍ରତିଯୋଗିତାରେ ଓମକାର ବର୍ମା ୧୦କିଲୋମିଟର ମାରାଥନ ରେସକୁ ୨୭ମିନିଟରେ ଅତିକ୍ରମ କରି ପ୍ରଥମ ହୋଇଥିଲେ। ପଙ୍କଜ ରଣା ୨୮ ମିନିଟରେ ଅତିକ୍ରମା କରି ଦ୍ୱିତୀୟ, ନିରିନ୍ଦ୍ର ଗହିର ୩୦ ମିନିଟରେ ତୃତୀୟ ବିବେଚିତ ହୋଇଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରେସ ସମ୍ପୂର୍ଣ୍ଣ କରିଥିବା ଯୋଗେନ୍ଦ୍ର କୁମ୍ଭାର, ସିଦ୍ଧାନ୍ତ ଜେନା, ନେତ୍ରମଣୀ ଶବର, ରାଧେଶ୍ୟାମ ହରିପାଲ, ସୁମନ୍ତ ମିର୍ଦ୍ଧା, ଦିନେଶ ବାଗ, ରୋଷନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାରାଥନ ରେସରେ ଭାଗ ନେଇ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିଥିବା ଦୁଇ ମହିଳା ଆଥଲେଟ ସମ୍ବଲପୁରର ଅମ୍ବିକା ଦିଲା ଏବଂ କେସିଙ୍ଗାର ଅନିତା କୈବର୍ତ୍ତଙ୍କୁ ମଞ୍ଚରେ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ଟିଟିଲାଗଡ ଶାଖା ସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ଶୈଳେଶ ଗୋୟଲ, ଲାୟନ୍ସ ଦୀପକ ସାହୁ, ଅସିମ କୁଣ୍ଡୁ, ସଞ୍ଜୟ ସୋନି, ଆଲୋକ ନାୟକ ପ୍ରମୁଖ ସାମିଲ ହୋଇଥିଲେ।


ସମ୍ବର୍ଦ୍ଧନା ସଭାରେ କୃତି ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

# ମାଟି ପରୀକ୍ଷା, ସଂରକ୍ଷଣ ଉପରେ ଗୁରୁତ୍ୱ

ବଲାଙ୍ଗୀର ଅଫିସ, ୫।୧୨



ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀରରେ ବିଶ୍ୱ ମୃତ୍ତିକା ଦିବସ ପାଳିତ**

ବଲାଙ୍ଗୀରର ଲର୍କିପାଲିସ୍ଥିତ କୃଷି ବିଭାଗ ଆଞ୍ଚଳିକ ସମ୍ପ୍ରସାରଣ ତାଲିମ ପ୍ରତିଷ୍ଠାନରେ ଜିଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଚାଷୀମାନେ ମୃତ୍ତିକା ସଂରକ୍ଷଣ ତଥା ମାଟିର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ସଙ୍ଗୀତା ସୁନା, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମହିତୋଷ ଦାସ, ବଲାଙ୍ଗୀର ବ୍ଲକ ଚାଷୀ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ଭୋଇ ଯୋଗଦେଇଥିଲେ। ବଲାଙ୍ଗୀରର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼ ସତ୍ୟମୟ ଶତପଥୀ, ବୈଜ୍ଞାନିକ ରାହୁଲ ଦେବ ବେହେରା ଏହି ସଚେତନତା ସଭାରେ ଯୋଗଦେଇ ମୃତ୍ତିକା ପରୀକ୍ଷା ପ୍ରକ୍ରିୟା, ଉପାଦେୟତା ଏବଂ ସମନ୍ୱିତ ଖାଦ୍ୟସାର ପରିଚାଳନା ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲା କୃଷି ବିଭାଗ ମୃତ୍ତିକା ରସାୟନବିତ ବିଦ୍ୟାଧର ସାହୁ ବିଶ୍ୱ ମୃତ୍ତିକା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମୃତ୍ତିକାରୁ ଖାଦ୍ୟ ଆରମ୍ଭ ବିଷୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ୧୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା।

# ବିଜ୍ଞାନ ମେଳାରେ ୯୦ ପ୍ରକଳ୍ପ

ବେଲପଡା,୫।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଡିଆର ମେହେର ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଟିନା କୁମ୍ଭାର ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ଆବାହକତ୍ୱ ଓ ବିଜ୍ଞାନ ସଂଯୋଜକ କିଶୋର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ମେଳାରେ ୯୦ ପ୍ରକଳ୍ପ ସ୍ଥାନ ପାଇଥିଲା। ତନ୍ମଧ୍ୟରୁ ଶ୍ରେଷ୍ଠ ୭ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବେଲପଡା ସରପଞ୍ଚ ହରିଶ ବୁଡେକ, ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଓମଣି କଣ୍ଡନମ, ବିଭୁଦତ୍ତ ସାହୁ, ଏବିଇଓ ଜଗବନ୍ଧୁ ମାଜି, ଚତୁର୍ଭୁଜ ମିର୍ଦ୍ଧା ଯୋଗଦେଇଥିଲେ।

# ପୁଇଁତଳା ବ୍ଲକସ୍ତରୀୟ ବିଜ୍ଞାନ ମେଳା

ବଲାଙ୍ଗୀର ଅଫିସ, ୫।୧୨

ବଲାଙ୍ଗୀର ପୁଇଁତଲା ବ୍ଲକ ଅନ୍ତର୍ଗତ ରାକ୍ସିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଆୟୋଜିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ଲୋକନାଥ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପିପିର୍ଡା ସରପଞ୍ଚ ରୁବି ବାବୁ ମୁଖ୍ୟଅତିଥି, ସାଙ୍ଗଠନିକ ସମ୍ପାଦକ ବିନୋଦ ବିହାରୀ ପାଣିଗ୍ରାହୀ, ଆବାହକ ଗିରିଜା ବାଙ୍କ, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ମନୋରଞ୍ଜନ ତ୍ରିପାଠୀ, ଭବଦତ୍ତ ମିଶ୍ର, ପରମେଶ୍ୱର ନାଗ, ନୀଳମଣି ପଟେଲ, ଏବିଇଓ ଦୁର୍ବାଦଳ ମିଶ୍ର ଓ ଗୋପାଳ ବୁଡେକ ମଞ୍ଚାସୀନ ହୋଇଥିଲେ। କୁମ୍ଭାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱିତି ରଞ୍ଜନ ମହାଲିଙ୍ଗ ପର୍ଯ୍ୟବେକ୍ଷକ ଓ ସାଲେଭଟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଳକୃଷ୍ଣ ମହାନନ୍ଦ, ଉପରବାହାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ତାରାକାନ୍ତ ମିଶ୍ର ବିଚାରକଭାବେ ଯୋଗଦାନ କରିଥିଲେ। ମେଳାରେ ୮୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିରୁ ୭ଟି ପ୍ରକଳ୍ପ ଶ୍ରେଷ୍ଠ ଭାବେ ଜିଲାସ୍ତରକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର ମୁଖ୍ୟଅତିଥି, ସୁଧାଂଶୁ ବାବୁ ଓ ଅନ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ।



ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥି।

# ବିଦର୍ଭ ଇନିଂସ, ୧୮୬ରନ୍‌ରେ ବିଜୟୀ

ବଲାଙ୍ଗୀର ଅଫିସ, ୫।୧୨


ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ଜଗଜୋତ୍ ସିଂଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ଓଡିଶା-ବିଦର୍ଭ କୁଚ ବିହାର ଟ୍ରଫି**

- ୧୧୬ ରନ୍‌ରେ ଧରାଶାୟୀ ହେଲା ଓଡିଶାର ଦ୍ୱିତୀୟ ଇନିଂସ୍

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓଡିଶା ବନାମ ବିଦର୍ଭ ସର୍ବଭାରତୀୟ ୧୯ବର୍ଷ ବର୍ଗ କୁଚ ବିହାର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ତୃତୀୟ ଦିବସରେ ବିଦର୍ଭ ଦଳ ବିଜୟ ହାସଲ କରିଛି। ବିଦର୍ଭ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଇନିଂସ୍ ଓ ୧୮୬ ରନ୍‌ରେ ବିଜୟ ହାସଲ କରିଛି। ରବିବାରର ଅସମାପ୍ତ ପାଳି ୪୪୩/୯ରୁ ସୋମବାର ଖେଳ ଆରମ୍ଭ କରିଥିଲା। ତେବେ ଅଧିକ ୮ ରନ ଯୋଡିବା ପରେ ବିଦର୍ଭ ଟିମ୍ ୪୫୧ ରନ୍‌ରେ ଅଲ୍ ଆଉଟ ହୋଇଯାଇଥିଲା। ଏହାପରେ ଓଡିଶା ଦଳ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟ ଘଟିଥିଲା। ମାତ୍ର ୧୧୬ ରନ୍‌ରେ ଟିମ୍ ଅଲ୍ ଆଉଟ ହୋଇଯାଇଥିଲା। ଓଡିଶା ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୨୫, ଏସ୍. ଇଜାଉଦ୍ଦିନ୍ ୨୫ ରନ୍ ଓ ଆଦିତ୍ୟ ଜୟସିଂ ୨୫ ରନ୍ ସଂଗ୍ରହ କରିଥିଲେ । ବିଦର୍ଭ ପକ୍ଷରୁ ପାର୍ଥବ ମାହେଶ୍ୱରୀ ୨ଟି, ରାଜସିଂ ଚୌହାନ, ଧର୍ମେନ୍ଦ୍ର ୩ଟି ଲେଖାଏ ଉଇକେଟ ଓ ଜଗଜୋତ ସିଂ ଗୋଟିଏ ଉଇକେଟ୍ ଅକ୍ତିଆର କରିଥିଲେ। ଚମତ୍କାର ଶତକୀୟ ଇନିଂସ ଖେଳିଥିବା ଜଗଜୋତ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ବିକ୍ରମାନନ୍ଦ ବହିଦାର, ସମ୍ମାନିତ ଅତିଥି ନୂଆପଡା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ ସାହୁ, ସୋନପୁର କ୍ରିକେଟ ଆସୋସିଏଶନ ସମ୍ପାଦକ ପ୍ରଦୀପ ସେଠୀ ଯୋଗଦେଇଥିଲେ। ଉପସଭାପତି ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ରମାକାନ୍ତ ସେଠ, ରାଜେନ୍ଦ୍ର ପୁରୋହିତ, ସଂଗ୍ରାମ ବହିଦାର, ଆଥ୍ଲେଟିକ୍ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, କ୍ରିକେଟ କୋଚ ଅରୁଣ କୁମାର ନାୟକ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୬ ଡିସେମ୍ବର, ୨୦୨୨

**ମୋରମ ଚାଲାଣ: ୪୫ ହଜାର ଜରିମାନା ଆଦାୟ**

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ପକ୍ଷରୁ ମହୁରୁଣ୍ଡି ଗାଁ ନିକଟରେ ସୋମବାର ବେଆଇନ ଭାବେ ଚାଲାଣ ହେଉଥିବା ମୋରମ ବୋଝେଇ ଟ୍ରାକ୍ଟର ଉପରେ ଚଢ଼ାଉ କରାଯାଇଥିଲା। ଉକ୍ତ ୨ ଟ୍ରାକ୍ଟରର କାଗଜପତ୍ର ଠିକ୍ ନ ଥିବାରୁ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ୪୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କହିଛନ୍ତି।



## ସଂକ୍ଷେପରେ

### ବିଳମ୍ବରେ ପହଞ୍ଚିଲେ ଶିକ୍ଷକ, ଅଭିଭାବକ ଅସନ୍ତୁଷ୍ଟ

**ଖପ୍ରାଖୋଲ,୫।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଚାଉଲବାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏଠାରେ ୪ଜଣ ଶିକ୍ଷକ ଥିବାବେଳେ ୨୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସୋମବାର ପୂର୍ବାହ୍ନ ୧୦ଟା ୪୫ଯାଏ ଶିକ୍ଷକମାନେ ବିଦ୍ୟାଳୟରେ ପହଞ୍ଚି ନ ଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସେଠାରେ ଅଭିଭାବକଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ପ୍ରଧାନଶିକ୍ଷକ ସୁରୁଲାଲ ଦୀପ ଆସି ସ୍କୁଲ ଖୋଲିଥିଲେ। ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ପଚାରିବାରୁ ଶିକ୍ଷକ ବିଳମ୍ବରେ ପହଞ୍ଚିବା ନେଇ ଅଭିଯୋଗ ହୋଇଛି। ଏବିଇଓ, ସିଆର୍‌ସିସିଙ୍କୁ ଘଟଣାର ତଦନ୍ତ ପାଇଁ କୁହାଯାଇଛି। ରିପୋର୍ଟ ମିଳିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ଜେଜେ ମା, ଜେଜେବାପା ସମ୍ମିଳନୀ

**ଲୋଇସିଂହା,୫।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେମା ଜେଜେବାପା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ଧର୍ମସିଂ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଭାରତର ସଂସ୍କୃତି, ପରମ୍ପରା ତଥା ଭାରତର ଆଧ୍ୟାତ୍ମିକ ଚେତନାର କେନ୍ଦ୍ରବିନ୍ଦୁ ବିଷୟରେ ଆଲୋକପାତ କରିଥିଲେ। ନାତିନାତୁଣୀମାନଙ୍କ ପ୍ରତି ଜେଜେମା ଜେଜେବାପାଙ୍କ ଉତ୍ତରଦାୟିତ୍ୱ ତଥା କର୍ତ୍ତବ୍ୟବୋଧ ବିଷୟରେ କହିଥିଲେ ମୁଖ୍ୟଅତିଥି । ଏହି ସମ୍ମିଳନୀରେ ଜେଜେମା ଜେଜେବାପାଙ୍କର ଅମୃତ କଳସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାମାୟଣ କଥାବସ୍ତୁ ଶବରୀଙ୍କ ଅଇଁଠା କୋଳି ପ୍ରଦାନ ପ୍ରସଙ୍ଗ ଧାରାବାହିକ ପ୍ରଦର୍ଶିତ କରାଯାଇଥିଲା। ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍କୁଲକୁ ଯିବାଆସିବାବେଳେ ଛାତ୍ରୀଛାତ୍ର ହଟହଟା

**ପାହାଚ ନିର୍ମାଣ ହେଲାନି**

**ଲୋଇସିଂହା,୫।୧୨(ଡି.ଏନ.ଏ):** ବରଗଡ-ବଲାଙ୍ଗୀର ୨୬ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ଏହିକ୍ରମରେ ଲୋଇସିଂହା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଗେଟ୍ ଆଗ ରାସ୍ତା ପାର୍ଶ୍ୱ ଡ୍ରେନ କାମ କରାଯାଇଛି। ହେଲେ ଏଠାରେ ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବା ପାଇଁ ପାହାଚ ନିର୍ମାଣ କରାଯାଇନାହିଁ। ପ୍ରାୟ ଅଢେଇ ଫୁଟ ଓହ୍ଲାଇ ଓ ଚଢ଼ି ଯିବା ଆସିବାବେଳେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଶିକ୍ଷା ବିଭାଗ ଓ ଏନଏଚ ଡିଭିଜନର ଦୃଷ୍ଟି ପଡୁନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମାସାଧିକ କାଳ ହେଲା ଡ୍ରେନ କାମ ସଲାଣି। ପରୁଣା ରାସ୍ତାରୁ ଡ୍ରେନ ଉଚ୍ଚତା ଅଢେଇରୁ ୩ ଫୁଟ ବଢ଼ାଇ ଦିଆଯାଇଛି। ସ୍କୁଲ ଗେଟ ପଟରେ ପାହାଚ ନହେଲେ ଛାତ୍ରୀଛାତ୍ର ସ୍କୁଲ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେବା ନେଇ ଆଶଙ୍କା କରି ପାହାଚ ନିର୍ମାଣ କରିଦେବାକୁ ସ୍କୁଲ କର୍ତ୍ତୃପକ୍ଷ ସେତେବେଳେ ଏନଏଚ ଡିଭିଜନ ଯନ୍ତ୍ରୀଙ୍କୁ କହିଥିଲେ। ଯନ୍ତ୍ରୀ ସେତେବେଳେ ହଁ କହିଥିଲେ ହେଁ କାମ ହେଲା ନାହିଁ। ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପଦ୍ମପୁର ଉପନିର୍ବାଚନ

# ମତଦାନ ଅନୁଭୂତି ନିଆରା

**ବରଗଡ଼ ଅଫିସ୍/ ଝାରବନ୍ଧ,୫।୧୨:** ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ସୋମବାର ମତଦାନ ଶେଷ ହୋଇଛି। ଉପନିର୍ବାଚନ ସାଙ୍ଗକୁ ମତଦାନକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଆଶାତୀତ ମତଦାନ ହାରରୁ ଏହା ସ୍ପଷ୍ଟ ହୋଇଛି। ମତଦାନ କରିଥିବା ବିଭିନ୍ନ ବର୍ଗର ମତ ନେଇଥିଲୁ। ସେମାନେ ଯାହା କହିଲେ ତାକୁ ନେଇ ଏକ ଉପସ୍ଥାପନା।

### ପ୍ରଥମଥର ଭୋଟ୍ ଦେଲି



ପ୍ରଥମଥର ପାଇଁ ମତଦାନ ସାବ୍ୟସ୍ତ କଲି। ବହୁତ ଖୁସି ଅନୁଭବ କରୁଛି। ଗୋଲାପୀ ବୁଥ୍‌କୁ ଆସି ମତଦାନ କରିବାର ଅନୁଭୂତି ଆହୁରି ଭଲ ଲାଗିଲା। ଅଞ୍ଚଳର ବିକାଶରେ ଯିଏ ସହାୟକ ହେବ ବୋଲି ଭାବିଲି, ସେଭଳି ପ୍ରାର୍ଥୀଙ୍କ ସପକ୍ଷରେ ମତାଧିକାର ସାବ୍ୟସ୍ତ କରିଛି।

- ପାୟଲ ସିଂଘଲ

### ମିଳିଲା ଭୋଟ୍ ସୁଯୋଗ



ପରିବାରର ଅନ୍ୟମାନେ ଭୋଟ୍ ଦେଉଥିଲେ। କିନ୍ତୁ ମୁଁ ଭୋଟ୍ ଦେଉ ନ ଥିଲି। ଏଥର ପ୍ରଥମ କରି ଭୋଟ୍ ଦେଲି। ଭୋଟ୍ ଦେବା ପରେ ବହୁତ ଭଲ ଲାଗୁଛି। କାରଣ ଏଣିକି ଯେଉଁ ନିର୍ବାଚନ ଆସିବ, ସେଠାରେ ମୋତେ ମତଦାନର ସୁଯୋଗ ମିଳିବ।

- ବସନ୍ତ ବରିହା

### ସେବା ଆଣିଲା ଖୁସି



ମୁଁ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର। ମୋତେ ଭୋଟ୍ ଦେବାର ସୁଯୋଗ ମିଳିନାହିଁ। କିନ୍ତୁ ମତଦାନ କେନ୍ଦ୍ରରେ ଜଣେ ସ୍ୱେଚ୍ଛାସେବୀ ଭାବେ ବୃଦ୍ଧାବୃଦ୍ଧ ଏବଂ ଦିବ୍ୟାଙ୍ଗଙ୍କ ମତଦାନରେ ଯେଉଁ ସେବା ଓ ସହଯୋଗ କଲି, ସେଥିରୁ ବହୁତ ଖୁସି ଅନୁଭବ କରୁଛି। ଏଭଳି ସୁଯୋଗ ମିଳିବ ବୋଲି ଭାବି ନ ଥିଲି।

- ଭୁବନ ସିଦାର

### ନୂଆ ବ୍ୟବସ୍ଥା ଭଲ ଲାଗିଲା

ଏଥର ମୋ ଭଳି ବୃଦ୍ଧା ବୃଦ୍ଧଙ୍କ ପାଇଁ ଅଲଗା ବ୍ୟବସ୍ଥା ହୋଇଥିଲା। ଘରକୁ ଆସି ଭୋଟ ଗ୍ରହଣ କେନ୍ଦ୍ରକୁ ନେଲେ। ସେଠାରେ ଭୋଟ୍ ଦେବା ପରେ ପୁଣି ମୋତେ ଘରେ ଛାଡ଼ିଲେ। ସରକାରଙ୍କ ଏହି ବ୍ୟବସ୍ଥା ବହୁତ ଭଲ ହୋଇଛି। ଭୋଟଟିଏ ତ ଦେଇପାରିଲି।

- ନୂରବତୀ ମିର୍ଦ୍ଧା



### ନିଜ ପସନ୍ଦର ପ୍ରାର୍ଥୀ ବାଛିଲି



ଭୋଟ୍ ଦେଇପାରିବି ବୋଲି ଭାବି ନ ଥିଲି। ଘରୁ ଅଟୋରେ ଭୋଟ୍‌କେନ୍ଦ୍ରକୁ ଆଣିଲେ। ସ୍ୱେଚ୍ଛାସେବୀମାନେ ହ୍ୱିଲ ଚେୟାରରେ ଇଭିଏମ୍ ପାଖକୁ ପହଞ୍ଚାଇଲେ। ମୋ ପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେଲି। ଭୋଟ୍‌ବେଳେ ଆଗରୁ ଏଭଳି ସୁବିଧା ସୁଯୋଗ ମିଳୁ ନ ଥିଲା।

- ତ୍ରିବେଣୀ ଅଗ୍ରୱାଲ

## ହାତୀ ଆକ୍ରମଣରେ ଚାଷୀ ମୃତ

**ଦେଓଗାଁ, ୫।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରା ନିକଟ ଚାଷ ଜମିରେ ହାତୀପଲ ଆକ୍ରମଣରେ ସୋମବାର ସନ୍ଧ୍ୟାରେ ଜଣେ ଚାଷୀଙ୍କ ଜୀବନ ଯାଇଛି। ମୃତ ଚାଷୀ ହେଲେ ଖଇରଗୁରା ଗ୍ରାମର ମାଛୁ ମହାନନ୍ଦ(୫୨)। ମାଛୁ ନିଜ ଜମିକୁ ଧାନପେଟା ଜଗିବା ପାଇଁ ଯାଇଥିଲେ। ଏହି ସମୟରେ ହାତୀପଲ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କଠାରୁ ଖବର ପାଇ ତୁଷୁରା ପୋଲିସ ଓ ବଲାଙ୍ଗୀର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ୧୪ଟିକିଆ ହାତୀପଲ ଖଇରଗୁରା ନିକଟସ୍ଥ ଜଙ୍ଗଲରେ ରହିଥିବା ସୂଚନା ମିଳିଛି । ଗଜସାଥୀଙ୍କ ସମେତ ବନ କର୍ମଚାରୀମାନେ ହାତୀ ଘଉଡାଇବା କାର୍ଯ୍ୟର ନିୟୋଜିତ ଥିବା ବିଭାଗ ସୂଚନା ଦେଇଛି।

## ଗାଡ଼ି ଅଟକ, ୯ ତାରିଖଯାଏ ବଣ୍ଟନ ବନ୍ଦ



ଅଙ୍ଗନୱାଡି କର୍ମୀମାନେ ଛତୁଆ ବୋଝେଇ ଗାଡିକୁ ଅଟକ ରଖିଛନ୍ତି।

**ସରଣ୍ଡା,୫।୧୨(ଡି.ଏନ.ଏ.)**

**ଛତୁଆ ବଣ୍ଟନକୁ ବିରୋଧ**

ଅଲ୍ ଓଡିଶା ଲେଡ଼ିଜ୍ ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏଶନ ପକ୍ଷରୁ ନଭେମ୍ବର ୨୧ରୁ ଅତାବିରା ସମନ୍ୱିତ ଶିଶୁବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚାଲିଛି। ଅଙ୍ଗନୱାଡି କେନ୍ଦ୍ରଗୁଡିକ ବନ୍ଦ ରହିବା ଯୋଗୁ ଶିଶୁମାନଙ୍କୁ ଗରମଖାଦ୍ୟ ସହିତ ଛତୁଆ ମିଳୁନାହିଁ। ସୋମବାର ମଧ୍ୟାହ୍ନ ୧୨ଟାରେ ଜିଲା ଉପସଭାନେତ୍ରୀ ଅରୁଣା ମହାପାତ୍ରଙ୍କ ନେତୃତ୍ୱରେ କର୍ମୀ ଏବଂ ସହାୟିକାମାନେ ଛତୁଆ ବଣ୍ଟନ ପାଇଁ ଯାଉଥିବା ଏକ ପିକଅପ ଭ୍ୟାନ୍‌କୁ ଘେରି ଧାରଣାରେ ବସିଥିଲେ। ଫଳରେ ପିକ୍‌ଅପ୍ ଭ୍ୟାନ୍ ବାଧହୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଟକି ରହିଥିଲା। ସିଡିପିଓ ଦାୟିତ୍ୱରେ ଥିବା ପ୍ରମିଳା ପ୍ରଧାନ ଗାଡିକୁ ଛାଡି ଦେବା ପାଇଁ ସେମାନଙ୍କୁ ବୁଝାସୁଝା କରିଥିଲେ। ମାତ୍ର କର୍ମୀମାନେ ଏଥିରେ ରାଜି ହୋଇ ନ ଥିଲେ। ସିଡିପିଓଙ୍କ କହିବା ଅନୁସାରେ ଭ୍ୟାନ୍‌ଟି ମନାପଡା ସେକ୍ଟରର ଜହ୍ନାପଡା ଗ୍ରାମକୁ ଛତୁଆ ବଣ୍ଟନ ପାଇଁ ଯାଉଥିଲା। କେନ୍ଦ୍ରଗୁଡିକର ମାତୃକମିଟି ଏବଂ ଯାଞ୍ଚ କମିଟି ମାଧମରେ ଛତୁଆ ବଣ୍ଟନ କରିବା ପାଇଁ ଆମକୁ ନିର୍ଦ୍ଦେଶ ରହିଛି। ଏହାର କିଛି ସମୟ ପରେ ବରଗଡ ଡିଏସ୍‌ଡବ୍ଲ୍ୟୁଓ ସାବିତ୍ରୀ କୁମୁରା ଧାରଣାସ୍ଥଳରେ ପହଞ୍ଚି ଛତୁଆ ଗାଡ଼ି ଛାଡି ଦେବା ପାଇଁ କର୍ମୀମାନଙ୍କୁ କହିଥିଲେ। ଆସନ୍ତା ୯ତାରିଖରେ ସରକାରଙ୍କ ସହିତ ଏକ ଆଲୋଚନା ହେବାର ସମ୍ଭାବନା ରହିଛି । ଏଣୁ ୯ତାରିଖ ପର୍ଯ୍ୟନ୍ତ ଛତୁଆ ବଣ୍ଟନକୁ ବନ୍ଦ କରାଯିବା ପାଇଁ କର୍ମୀମାନେ ଦାବି କରିଥିଲେ। ପୁଣି ଆଲୋଚନା ବିଫଳ ହେଲେ ୧୦ତାରିଖରୁ ଛତୁଆ ବଣ୍ଟନ କରିବେ। ସେଥିରେ ଆମର ସହଯୋଗ କିମ୍ବା ବିରୋଧ ରହିବ ନାହିଁ ବୋଲି କର୍ମୀମାନେ କହିଥିଲେ। ଏଥିରେ ଡିଏସ୍‌ଡବ୍ଲ୍ୟୁଓ ରାଜି ହୋଇଥିଲେ। ପରେ ଗାଡିଟି ଫେରିଯାଇଥିଲା। ପ୍ରକାଶଥାଉକି, ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ବିଭିନ୍ନ ଦାବିରେ ନଭେମ୍ବର୨୧ରୁ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ସିଏଚ୍‌ସି ମାନ୍ୟତା ପ୍ରଦାନ ଦାବି ତେଜିଲା

**ଲାଠୋର, ୫।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ର ମାନ୍ୟତା ପ୍ରଦାନ ଦାବି ଜୋରଧରିବାରେ ଲାଗିଛି। ଲାଠୋର ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ ଏହି ଦାବିକୁ ନେଇ ଆଗକୁ ଆସିଛି। ସୋମବାର ସଂଗଠନ ନେତୃତ୍ୱରେ ଲାଠୋର ପଞ୍ଚାୟତ ଗୃହରେ ଅନୁଷ୍ଠିତ ବୈଠକରେ ଜୟ ମା’ ବସ୍ତ୍ରେନ ଓଡ଼ିଆ ବଣିକ ସଂଘ ସଦସ୍ୟ ଜିଷ୍ଣୁନ୍ତ ମେହେର, ସୁଶାନ୍ତ ମେହେର, ଅନିରୁଦ୍ଧ ମେହେର, ଧନୁଯାତ୍ରା କମିଟି ସଦସ୍ୟ ହରି ବାରିକ, ସଚିକାନ୍ତ ଦାସ, ଦୁର୍ଗା ପୂଜା କମିଟିର ଉମେଶ ଭଇଁଷାଲ, ରାଇଟ ଟୁ ଫାଇଟ ଅନୁଷ୍ଠାନର ସୁଶିଲ ଅଗ୍ରୱାଲ, କୋଶଳ ମୁକ୍ତି ମୋର୍ଚ୍ଚାର କାଶିନାଥ ମେହେର ଏବଂ ସୁଶାନ୍ତ ବେହେରା, ଡ୍ରାଇଭର ମହାସଂଘର ଦିଲୀପ ନାଏକ ଯୋଗ ଦେଇଥିଲେ। ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖପ୍ରାଖୋଲ, ତୁରେକେଲା, ବେଲପଡ଼ା ବ୍ଲକ ଏବଂ ପଡୋଶୀ ନୂଆପଡ଼ା ଜିଲା କୋମନା ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରନ୍ତି। ଏହାକୁ ଆଖି ଆଗରେ ରଖି ୨୦୦୩ ମସିହାରେ ଗ୍ରାମବାସୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଥିଲେ। ୧୯ବର୍ଷ ବିତିଯାଇଥିଲେ ବି କୌଣସି ସୁଫଳ ମିଳିଲା ନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇଥିବାରୁ ଛୁଟି ଦିନ କିମ୍ବା ରାତିରେ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ବ୍ୟବସ୍ଥା ନାହିଁ ବୋଲି ଖୋଦ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କହୁଛନ୍ତି। ଏହି ସବୁ ସମସ୍ୟାର ସମାଧାନ ଦିଗରେ ସ୍ୱର ଉଠାଇବାକୁ ବୈଠକରେ ଉପସ୍ଥିତ ଅନୁଷ୍ଠାନଗୁଡ଼ିକ ସହମତି ପ୍ରକାଶ କରିଥିଲେ। ଆଗାମୀ ଦିନରେ ସମସ୍ତ ଅନୁଷ୍ଠାନ ମିଳିତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ସ୍ଥିର ହୋଇଛି। ଏହି ଅବସରରେ ସାବାସ ସଂଗଠନ ସଭାପତି କପିଳ ସୁନା, ବରିଷ୍ଠ ସଦସ୍ୟ ବିଶ୍ୱହରି ନାଗ, ବିଦ୍ୟାଧର ଗୁର୍ଲା, ରାଜକୁମାର ତାଣ୍ଡି, ରାହୁଲ ସୋନି, ପୁରନ୍ଦର ସୁନା, ଗଙ୍ଗାଧର ଶଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବରପାଲି,୫।୧୨(ଡି.ଏନ.ଏ.)**



ମନ୍ଦିରରେ ହନୁମାନଙ୍କ ବିଗ୍ରହ ପୂଜା ପାଉଛନ୍ତି।

ବରପାଲି ନିକଟସ୍ଥ କୃଷକପଲ୍ଲୀ ଗ୍ରାମରେ ତିନି ଦିନ ଧରି ଚାଲିଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଗତ ଶୁକ୍ରବାର କଳସ ଶୋଭାଯାତ୍ରା ହୋଇଥିଲା । ଏଥିରେ ଗ୍ରାମର ବହୁ ମହିଳା ଭକ୍ତ ସାମିଲ ହୋଇଥିଲେ। ଶନିବାର ସୁନ୍ଦରାକାଣ୍ଡ, ରବିବାର ବିଗ୍ରହ ପ୍ରତିଷ୍ଠା ସହ ହୋମଯଜ୍ଞ ହୋଇଥିଲା। ଦିନସାରା ପ୍ରବଚନ, ବ୍ୟଙ୍ଗକବି ସମ୍ମିଳନୀ, ଭଜନ, ମହିଳା କୀର୍ତ୍ତନ, କୀର୍ତ୍ତନ ଧାରା ଆଦି କାର୍ଯ୍ୟକ୍ରମ ହୋଇଥିଲା। ପୂଜାରେ ରୁକ୍ମଣୀ ଥପା ଓ ରସାନନ୍ଦ ଥପା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସୁଧୀର ଗଡତୀୟା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସରପଞ୍ଚ ବିନୟ ଗଡତୀୟା, ସୁରେଶ ଭୋଇ, ମଧୁ ଭୋଇ, ସଫେଦ ଭୋଇ, ସୁନାଧର ଖଟୁଆ, ବାଳକୃଷ୍ଣ ପଟେଲ, ମନଫୁଲ ଭୋଇ, ସହଦେବ ସାହୁ, ବିକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ସପ୍ତଦଶ ବୌଦ୍ଧ ପୁସ୍ତକମେଳାର ତୃତୀୟ ସନ୍ଧ୍ୟା



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ କବି।

**ବୌଦ୍ଧ, ୫।୧୨(ସ୍ୱ.ପ୍ର.)**

**ବୌଦ୍ଧର କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ଶୀର୍ଷକ ଉପରେ ଆଲୋଚନାଚକ୍ର**

ସ୍ଥାନୀୟ କଚେରୀ ଖେଳ ପଡିଆଠାରେ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ ଦ୍ୱାରା ଆୟୋଜିତ ସପ୍ତଦଶ ବୌଦ୍ଧ ପୁସ୍ତକମେଳାର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ପୁସ୍ତକମେଳା କମିଟି ତରଫରୁ ‘ଆଗାମୀ ସମ୍ଭାବନାରେ ବୌଦ୍ଧର କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ’ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଜର୍ଣ୍ଣାଲିଷ୍ଟ ଫୋରମ୍‌ର ସଭାପତି ଦିବ୍ୟଶଙ୍କର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ଶ୍ରମିକନେତା ସରୋଜ ପ୍ରଧାନ, ଗବେଷକ ସତ୍ୟଜିତ କୁମାର ପଣ୍ଡା ଯୋଗ ଦେଇଥିଲେ। ଫୋରମ୍‌ର ସଦସ୍ୟ ସତ୍ୟନାରାୟଣ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚକମାନେ ବୌଦ୍ଧ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଜିଲାର ଉମ୍ବରୁଗଡ଼, ଖଣ୍ଡିକନପା, ସମାପାଳୁ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ପାଇଁ କାର୍ଯ୍ୟକ୍ରମ ଚାଲୁ ରହିଥିବା ପ୍ରକାଶ କରିଥିଲେ। ସେହିପରି ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ବୀରନରସିଂହପୁର ପଞ୍ଚାୟତରେ ୧୫ଶହ ଏକର ପରିମିତ ଅଞ୍ଚଳରେ ନିର୍ମାଣଧୀନ ପରିବେଶ ଉଦ୍ୟାନ ନନ୍ଦନବନ, ନାଏକପଡା ସ୍ଥିତ ପାତଳୀ ଶ୍ରୀକ୍ଷେତ୍ର, ମହାନଦୀ ମଧ୍ୟରେ ଥିବା ଦ୍ୱୀପ ମର୍ଜାକୁଦ, ସତକୋଶିଆ ଅଭୟାରଣ୍ୟକୁ ନେଇ ପର୍ଯ୍ୟଟନ ସମ୍ଭାବନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ର ପରେ ଗେହ୍ଲା ମା କଳାନିକେତନ ଓ ଷ୍ଟେଟ ବ୍ରିଗେଡ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷାର ବିକାଶ, ବିଜ୍ଞାନର ଉନ୍ନତି ଲକ୍ଷ୍ୟ ହେଉ

**ଦେଓଗାଁ,୫।୧୨(ଡି.ଏନ.ଏ)**




ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ଦେଓଗାଁ ବ୍ଲକସ୍ତରୀୟ ବିଜ୍ଞାନ ମେଳା**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗୌରଗୋଠ ଗ୍ରାମପଞ୍ଚାୟତ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟସ୍ତରରେ ମନୋନୀତ ହୋଇଥିବା ୧୨୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୨୦ ପ୍ରକଳ୍ପକୁ ବ୍ଲକସ୍ତରରେ ପୁରସ୍କୃତ କରାଯାଇଥିଲା। ସେଥିରୁ ୭ଟି ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ୭ ଓ ୮ ତାରିଖରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଏହି ପ୍ରକଳ୍ପ ପ୍ରଦର୍ଶିତ ହେବ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଶିକ୍ଷାର ବିକାଶ ଓ ବିଜ୍ଞାନର ଉନ୍ନତି ଏକମାତ୍ର ଲକ୍ଷ୍ୟ ହେବା କଥା ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବଡବାହାଲ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ରଣା, ଗୌରଗୋଠ ସରପଞ୍ଚ ରଞ୍ଜିତା ସାହୁ, ଆବାହକ ଅମ୍ବରିଶ ଭୋଇ, ସ୍କୁଲ ପରିଚାଳନା କମିଟି ସଭାପତି ପୁରନ୍ଦର ଭୋଇ, ପୂର୍ବତନ ସରପଞ୍ଚ ଅଶୋକ ରଣା, ଏବିଇଓ ଅଜିତ ମିଶ୍ର, ଲୋଚନ ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରା ସଭା ସଂଯୋଜନା କରିଥିଲେ।

## ପୁଇଁତଲା ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ବଲାଙ୍ଗୀର ଅଫିସ, ୫।୧୨**

ବଲାଙ୍ଗୀର ପୁଇଁତଲା ବ୍ଲକ ଅନ୍ତର୍ଗତ ରାକ୍ସିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଆୟୋଜିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ଲୋକନାଥ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପିପିର୍ଡ଼ା ସରପଞ୍ଚ ରୁବି ବାବୁ ମୁଖ୍ୟଅତିଥି, ସାଙ୍ଗଠନିକ ସମ୍ପାଦକ ବିନୋଦ ବିହାରୀ ପାଣିଗ୍ରାହୀ, ଆବାହକ ଗିରିଜା ବାଙ୍କି, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ, ମନୋରଞ୍ଜନ ତ୍ରିପାଠୀ, ଭବଦତ୍ତ ମିଶ୍ର, ପରମେଶ୍ୱର ନାଗ, ନୀଳମଣି ପଟେଲ, ଏବିଇଓ ଦୁର୍ବାଦଳ ମିଶ୍ର ଓ ଗୋପାଳ ବୁଡେକ ମଞ୍ଚାସୀନ ହୋଇଥିଲେ। କୁମ୍ଭାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱିତି ରଞ୍ଜନ ମହାଲିଙ୍ଗ ପର୍ଯ୍ୟବେକ୍ଷକ ଓ ସାଲେଭଟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଳକୃଷ୍ଣ ମହାନନ୍ଦ, ଉପରବାହାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ତାରାକାନ୍ତ ମିଶ୍ର ବିଚାରକଭାବେ ଯୋଗଦାନ କରିଥିଲେ। ମେଳାରେ ୮୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିରୁ ୭ଟି ପ୍ରକଳ୍ପ ଶ୍ରେଷ୍ଠ ଭାବେ ଜିଲାସ୍ତରକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର ମୁଖ୍ୟଅତିଥି, ସୁଧାଂଶୁ ବାବୁ ଓ ଅନ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ।

## ଟାରଭଟାରେ ଶିଶୁ ମହୋତ୍ସବ ସରଗିଫୁଲ

**ସୋନପୁର,୫।୧୨(ନି.ପ୍ର.)**



ମହୋତ୍ସବରେ ତରଭା ଆଇଆଇସି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ-୨୨ ଉଦ୍‌ଯାପିତ ହୋଇଯାଇଛି। ଟାରଭଟା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଆୟୋଜିତ ଏହି ଶିଶୁ ମହୋତ୍ସବରେ ଜିଲାର ବିଭିନ୍ନ ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ବକ୍ତୃତା, କୁଇଜ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରମାନେ ଆସନ୍ତା ୨୦ରୁ ୨୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ମୁଖ୍ୟବକ୍ତାଭାବେ ତରଭା ଜାମକାନୀସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ପ୍ରଧାନ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ବୀରମହାରାଜପୁର ସହକାରୀ ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ତରଭା ବିଡିଓ ବିନୟ କୁମାର ପଟେଲ ମୁଖ୍ୟ ଅତିଥି, ତରଭା ବିଇଓ ଶାନ୍ତନୁ କୁମ୍ଭକାର ଓ ଆଇଆଇସି ସୁବ୍ରତ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର ସଭାରେ ଅଧ୍ୟକ୍ଷତା କରିଥିଲେ।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ଠକିବା ଅଭିଯୋଗରେ ବଲାଙ୍ଗୀର ଯୁବକ ଗିରଫ

**ବଡ଼ଗାଁ, ୫।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଗ୍ରାମର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସ୍ୱାମୀସ୍ତ୍ରୀ ଭାବେ ରହିବା ଓ ପରେ ବିବାହ କରିବାକୁ ମନା କରିବା ଅଭିଯୋଗ କ୍ରମେ ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଲାଙ୍ଗୀର ଜିଲା ତୁଷରା ଥାନା ଅଧୀନ ସମରା ଗ୍ରାମର ଟିଙ୍କୁ ସାହୁ (୩୪)। ଅଭିଯୋଗ କ୍ରମେ ବଡ଼ଗାଁ ଥାନାରେ ଏକ ମାମଲା (ନଂ.୨୨୮/୨୨) ରୁଜୁ ହୋଇଛି। ଇତମା ଗ୍ରାମର ଜଣେ ଯୁବତୀ ତାମିଲନାଡୁର ତ୍ରିପୁର ସହରରେ ସିଲେଇ ଟ୍ରେନିଂ ନେଉଥିଲେ। ସେଠାରେ ଟିଙ୍କୁ ମଧ କାମ କରୁଥିଲେ। ଟିଙ୍କୁ ଯୁବତୀଙ୍କୁ ବିବାହ କରିବାକୁ କହି ନିଜ ସହିତ ସ୍ୱାମୀସ୍ତ୍ରୀ ଭାବେ ରହିଆସୁଥିଲେ।

### ଯୁବକ ନିଖୋଜ: ରେଙ୍ଗାଲି ପୋଲ ଉପରୁ ବାଇକ୍ ଉଦ୍ଧାର

**ସୁନ୍ଦରଗଡ଼,୪।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଟାଉନଥାନା ଅନ୍ତର୍ଗତ ଶ୍ରୀରାମ



ନଗରର ଜଣେ ଯୁବକ ଶନିବାର ଠାରୁ ନିଖୋଜ ଥିବାନେଇ ରବିବାର ଥାନାରେ ରିପୋର୍ଟ ହୋଇଛି। ନିଖୋଜ ଯୁବକଙ୍କ ନାମ ସୁଶାନ୍ତ କଉଡି(୩୩)। ପ୍ରକାଶ ଯେ, ସୁଶାନ୍ତଙ୍କ ଶଙ୍କରାରେ ଏକ ନେଟପାର୍ଲର ଦୋକାନ ଅଛି। ସେ ଘରକୁ ନ ଫେରିବା ପରେ ପରିବାର ଲୋକେ ଦୋକାନ ଗଲା ବେଳକୁ ଦୋକାନ ଖୋଲା ଥିବା ଓ ତାଙ୍କର ଦୁଇଟି ମୋବାଇଲ ଫୋନ ରହିଥିଲା। ମୋବାଇଲ ଫୋନରେ ତାଙ୍କ ବାଇକ୍‌ଟି ସମ୍ବଲପୁର ଜିଲା ରେଙ୍ଗାଲି ପୋଲ ଉପରେ ରହିଥିବା ନେଇ ମେସେଜ ରହିଥିଲା। ଏ ସମ୍ପର୍କରେ ନିଖୋଜ ସୁଶାନ୍ତଙ୍କ ସାନ ଭାଇ ସନ୍ତୋଷ ସୁନ୍ଦରଗଡ଼ ଟାଉନଥାନାକୁ ରାତି ୧୨ଟା ବେଳେ ଜଣାଇଥିଲେ। ଏହା ପରେ ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଏକ ନିଖୋଜ ମାମଲା ରୁଜୁକରି ରେଙ୍ଗାଲି ପୋଲିସକୁ ଜଣାଇ ସୁଶାନ୍ତଙ୍କ ସାନଭାଇ ସନ୍ତୋଷଙ୍କୁ ସହାୟତା କରିବାକୁ କହିଥିଲା। ରେଙ୍ଗାଲି ପୋଲ ଉପରୁ ସୁଶାନ୍ତଙ୍କ ବାଇକ୍ ମିଳିଥିବାବେଳେ ରେଙ୍ଗାଲି ପୋଲିସ ପୋଲ ତଳେ ପାଣିରେ ବହୁତ ଖୋଜାଖୋଜି କରିଥିଲେ ମଧ ସୁଶାନ୍ତଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ହେଲେ ସୁଶାନ୍ତଙ୍କ ମୋବାଇଲ ଫୋନକୁ ମେସେଜ ଆସିଥିବା ଫୋନ ନମ୍ବର ଯାଞ୍ଚ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୋଲିସ କହିଛି।

### ବେକରେ ଫାଶୀ ଲଗାଇ ଯୁବକ ମୃତ

**ରାଉରକେଲା ଅଫିସ,୫।୧୨:** ବେକରେ ଫାଶି ଲଗାଇ ରଘୁନାଥପାଲି ବସ୍ତିର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗଜପତି ପତି(୩୨)। ଏ ନେଇ ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪୩।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପାନପୋଷ ପ୍ରଧାନପାଲି ବସ୍ତିର ଗଜପତି ରବିବାର ରାତିରେ ଖାଇସାରି ଶୋଇବା ରୁମ୍‌କୁ ଯାଇଥିଲେ। ଘର ଲୋକେ ଶୋଇ ପଡିବା ପରେ ସେ ବିଳମ୍ବିତ ରାତିରେ ଘର ଆଜବେଷ୍ଟସ ଲୁହା ପାଇପ୍‌ରେ ପ୍ଲାଷ୍ଟିକ ରଶି ବାନ୍ଧି ଝୁଲି ପଡିଥିଲେ।

## ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

# ମୃତ୍ତିକାରୁ ହିଁ ଖାଦ୍ୟର ସୃଷ୍ଟି

**ସୁନ୍ଦରଗଡ଼,୫।୧୨(ଡି.ଏନ୍.ଏ.)**




ସୁନ୍ଦରଗଡ଼ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୁନ୍ଦରଗଡ ଓ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ-୧ କିରେଇର ମିଳିତ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ସ୍ଥାନୀୟ ରାଣୀବଗିଚାସ୍ଥିତ ଜିଲା ମୃତ୍ତିକା ପରୀକ୍ଷାଗାର ସଭାଗୃହରେ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଆୟୋଜିତ ସଭାରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା କରି ମିଲେଟ ଜାତୀୟ ଫସଲ ଚାଷ ପାଇଁ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ବିରେନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ହରିବନ୍ଧୁ ସେଠ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ସହଉଦ୍ୟାନ କୃଷି ନିର୍ଦ୍ଦେଶକ ମାନସିଂ ସୋରେନ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ୪୫ ଅଗ୍ରଣୀ ଚାଷୀଙ୍କୁ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ପ୍ରଦାନ କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୪୦ ଜଣ କୃଷି ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଆୟୋଜିତ ବୈଷୟିକ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଜୀବ କୁମାର ବିଶ୍ୱାସୀ, ସହକାରୀ ମତ୍ସ୍ୟ ଅଧିକାରୀ ଜ୍ୟୋତିର୍ମୟୀ ଦାସ, କୃଷି ନିର୍ବାହୀ ଯନ୍ତ୍ରୀ ସୁନ୍ଦରଗଡ ପରମାନନ୍ଦ ପ୍ରଧାନ, କୃଷି ଜିଲା ଅଧିକାରୀ ଜଗନ୍ନାଥ ଦାଶ ପ୍ରମୁଖ ଭାଗ ନେଇ ମୃତ୍ତିକାରୁ ହିଁ ଖାଦ୍ୟର ଆରମ୍ଭ ବୋଲି କହିଥିଲେ। ସ୍ୱାସ୍ଥ୍ୟ ପରିଚାଳନା, ମାଟି ପରୀକ୍ଷା, ଜଳବାୟୁ ଅନୁକୂଳ କୃଷି, ଜୈବିକ କୃଷି, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼, ସମନ୍ୱିତ ଖାଦ୍ୟସାର ପରିଚାଳନା ଆଦି ବିଷୟରେ ଆଲୋଚନା କରିଥିଲେ। ବ୍ଲକ କୃଷି ଅଧିକାରୀ ସୁନ୍ଦରଗଡ଼ ଦ୍ୱିଜବର ସେଠୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବ ଆୟୋଜିତ 'ମୃତ୍ତିକାରୁ ହିଁ ଖାଦ୍ୟର ଆରମ୍ଭ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ, ସେଣ୍ଟମ୍ୟାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଧର୍ମଶାଳା ଉଚ୍ଚ ବିଦ୍ୟାଳୟ, ରାଣୀବଗିଚା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ୨୦ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସଭାରେ ଉପସ୍ଥିତ ଚାଷୀମାନଙ୍କୁ ଜିଆଖତ ବଣ୍ଟନ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ବଡ଼ଗାଁ ତଥା ମୃତ୍ତିକା ରସାୟନବିତ ପ୍ରଫୁଲ୍ଲ କୁମାର ପଟେଲ, ଅନ୍ୟାନ୍ୟ କର୍ମଚାରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀମାନେ ସହାୟତା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନୂଆଗାଁ ବ୍ଲକ ସହକାରୀ କୃଷି ଅଧିକାରୀ ମନୋଜ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ଦେବଗଡ଼,୫।୧୨(ଡି.ଏନ୍.ଏ.)**

ଦେବଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇଥିଲେ। ବେଆଇନ ଗଞ୍ଜେଇ ଚାଷ ଓ ଚୋର ଚାଲାଣ ରୋକିବା ନିମନ୍ତେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଅବକାରୀ ବିଭାଗ ପକ୍ଷରୁ କରାଯାଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା କୃତୀ ପ୍ରତି ଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଜିଲାପାଳ ପ୍ରଦାନ କରିଥିଲେ। ପରେ ଆସିଥିବା ୨୦ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକୀୟ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ୧୬ ଟି ବ୍ୟକ୍ତିଗତ ଏବଂ ୪ ଟି ସାମୂହିକ ସମସ୍ୟା ରହିଥିଲା। ଶିବିରରେ ଘରବାଡି ପଟ୍ଟା, ବାର୍ଦ୍ଧକ୍ୟ ଭତ୍ତା, ପାନୀୟଜଳ, ଇଲେକ୍ଟ୍ରି ଓ ଡ୍ରେନେଜ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଶୁଣାଣି ପରେ ଉପାଧ୍ୟାୟ ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ବନଖଣ୍ଡ ଅଧିକାରୀ ମଗର ଧନଜୀ ରାଓସୋ, ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## କେବିସି ଲଟେରି ନାଁରେ ଠକେଇ: ୭ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରମୋଦ କୁମାର ରଥ ଓ ଅନ୍ୟ ପୋଲିସ ଅଧିକାରୀ।

**ଦେବଗଡ଼,୫।୧୨(ଡି.ଏନ୍.ଏ.)**

### ଲକ୍ଷାଧିକ ଟଙ୍କା ସହ ପାସବୁକ୍, ଏଟିଏମ୍ ଜବତ

ଲୋକଙ୍କୁ ଲୋଭ ଦେଖାଇ ଅନ୍‌ଲାଇନରେ ଲୁଟୁଛନ୍ତି ଲକ୍ଷଲକ୍ଷ ଟଙ୍କା। ଏଭଳି ଏକ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ଦେବଗଡ଼ ପୋଲିସ। ଅନ୍‌ଲାଇନ ଲୁଟ୍ ଘଟଣାରେ ଛାନ୍‌ଭିନ୍ କରି ୭ଜଣଙ୍କୁ ଗିରଫ କରାଯାଇଥିବା ନେଇ ଦେବଗଡ଼ ଆଦର୍ଶ ଥାନାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରମୋଦ କୁମାର ରଥ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୩ ଝାରସୁଗୁଡାର ଓ ଅନ୍ୟ ୪ଜଣ ସୁନ୍ଦରଗଡ଼ ଜିଲାର। ସେମାନେ ହେଲେ ଝାରସୁଗୁଡା ଚୌକିପଡ଼ାର ଲଖନ ସାହୁ (୨୩), ତାଲିଭଟାର ପବନ ପ୍ରସାଦ (୨୦), ରୋଶନ ଶା (୨୩), ସୁନ୍ଦରଗଡ ଜିଲା ନବଙ୍ଗପୁରର ଉଦୟ ସାହୁ (୨୫), ରାଜୀବରଞ୍ଜନ ଗୁପ୍ତା (୨୯), ଲେମିଲମାର କିଶୋର ଓରାମ (୨୭), ବିକାଶ ଓରାମ (୨୨)। ଅଭିଯୁକ୍ତମାନଙ୍କଠାରୁ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା, ୧୮ଟି ଏଟିଏମ୍, ୭ ମୋବାଇଲ, ୧୩ଟି ପାସବୁକ୍, ୧୦ଟି ଚେକ୍ ବହି ଜବତ କରାଯାଇଛି। ଅଭିଯୁକ୍ତମାନେ କେବିସି ଲଟେରି ଜିତିଥିବା କହି ଦେବଗଡ଼ ରାଇତାଳ ଗ୍ରାମର ବିସ୍ମୟ ବେହେରା (୧୯)ଙ୍କ ଠାରୁ ଗତ କିଛି ଦିନ ତଳେ ବିଭିନ୍ନ ସମୟରେ ୨.୫ ଲକ୍ଷ ଟଙ୍କା ନେଇଥିଲେ। ପରେ ବିସ୍ମୟ ଠକାମିର ଶିକାର ହୋଇଥିବା ଜାଣିବା ପରେ ଦେବଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୋଲିସ ଘଟଣାର ଛାନ୍‌ଭିନ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ବିହାରର କିଛି ଲୋକ ଝାରସୁଗୁଡାରେ ରହି ଏଭଳି ଚଳାଇଥିଲେ। ମାତ୍ର ଘଟଣାର କିଙ୍ଗପିନ ଏବେ ବି ଧରାପଡ଼ିନାହିଁ। ମୁଖ୍ୟ ଅଭିଯୁକ୍ତ ବିହାରରେ ଥିବା ଏସ୍‌ପି ରଥ ସୂଚନା ଦେବା ସହ ତାଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖବରଦାତା ସମ୍ମିଳନୀରେ ଡିଆଇବି ଡିଏସ୍‌ପି ପ୍ରଦୀପ କୁମାର କେରକେଟ୍ଟା, ଦେବଗଡ଼ ଥାନା ଅଧିକାରୀ ସୁରେନ୍ଦ୍ର ନାଏକ, ଇନ୍‌ସପେକ୍ଟର ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲ ବସ, ଆମ୍ବୁଲାନ୍ସ ଶୁଭାରମ୍ଭ

**ଟେନ୍‌ସା, ୫।୧୨(ଡି.ଏନ୍.ଏ.)**



ସ୍କୁଲ ବସ ଓ ଆମ୍ବୁଲାନ୍ସର ଶୁଭାରମ୍ଭ ମୁହୂର୍ତ୍ତ।

ସ୍କୁଲ ଓ କଲେଜ ପିଲାମାନଙ୍କୁ ସେମାନଙ୍କ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ସ୍ଥାନୀୟ ଲୋକଙ୍କୁ ଉତ୍ତମ ମେଡିକାଲ ସେବା ପ୍ରଦାନ କରିବା ନିମନ୍ତେ ଟାଟା ଷ୍ଟିଲ ପକ୍ଷରୁ ସୁନ୍ଦରଗଡ଼ ଜିଲାର କୋଇଡା ବ୍ଲକରେ ଥିବା ମିଥିର୍ଦା ନିକଟସ୍ଥ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନଆଇଏନ୍‌ଏଲ୍)ର ଖଣି ଅଞ୍ଚଳରେ ଏକ ସ୍କୁଲ ବସ ଓ ଆମ୍ବୁଲାନ୍ସର ଶୁଭାରମ୍ଭ କରାଯାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହି ଅଞ୍ଚଳର ବାସିନ୍ଦାଙ୍କ ବିକାଶରେ ଏହି ସେବା ବିଶେଷ ଭାବେ ଯୋଗଦାନ କରିବ। ମିଥିର୍ଦା, କିରିୟାକୁଦର, ବସର୍ଦା, କଦଲିଆ, ଆମଲିଅମ, ସାନ ପାଟୁଳି, ବଡ଼ପାଟୁଳି, ପାନପୋସିଆ ଓ ପାଟମୁଣ୍ଡା ଗ୍ରାମର ଆଖପାଖ ଅଞ୍ଚଳର ୫୦ରୁ ଅଧିକ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଦୈନିକ ଭିତିରେ ଏହି ସେବା ଦ୍ୱାରା ଉପକୃତ ହେବେ। କୋଇଡ଼ା ଅତିରିକ୍ତ ତହସିଲଦାର ଆଶିଷ ରାଉତ, ଏନଆଇଏନଏଲ୍ ମୁଖ୍ୟ ରାଜେଶ କୁମାର, ପାଟମୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ସିଅନ ବେଗ ଉପସ୍ଥିତିରେ କୋଇଡ଼ା ବ୍ଲକର ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ ବସ ଓ ଆମ୍ବୁଲାନ୍ସକୁ ପତାକା ଦେଖାଇ ଲୋକାର୍ପିତ କରିଥିଲେ। ଏହି ଅଭିଯାନ ପାଇଁ ଟାଟା ଷ୍ଟିଲ୍‌କୁ ଶୁଭଦର୍ଶୀ ଯୋଶୀ ଧନ୍ୟବାଦ ପ୍ରଦାନ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ବାମରା ଚାମ୍ପିୟନ

**ବଡ଼ଗାଁ, ୫।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମରେ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବାମରା ଓ ଲଙ୍ଗାହୁଡା ଟିମ୍ ମଧ୍ୟରେ ହୋଇଥିଲା। ବାମରା ଟିମ୍ ଲଙ୍ଗାହୁଡା ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଓ ସ୍ଥାନୀୟ ସରପଞ୍ଚ ଆସିସାନ କେରକେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଟିମ୍‌କୁ ୨୦ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟରେ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିବା ଲଙ୍ଗାହୁଡା ଟିମ୍‌ର ସୁନିଲ ବାଗଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ବାମରା ଟିମ୍‌ର ହୀରା ଓ ଷ୍ଟେ ବୋଲର ଭାବେ ବାମରା ଟିମ୍‌ର ଅନିଲଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ କମିଟିର ମିଳନ ସାରପଟିଆ, ଧରଣୀ ସାରପଟିଆ, ଜୟନ୍ତ ରାଉତ, ମୁକେଶ ମାହାର ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ପ୍ରବୀଣ ରାଉତ ଓ ବିକାଶ ରାଉତ ଖେଳ ପରିଚାଳନା କରିଥିଲେ।



କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳିଙ୍କ ସହ ଅତିଥି।

## ୭ରେ ଆଧୁନିକ ମେଟାଲିକ୍ସ ଶ୍ରମିକ ସଙ୍ଗଠନ ନିର୍ବାଚନ

**କୁଆଁରମୁଣ୍ଡା,୫।୧୨(ଡି.ଏନ.ଏ.)**

### ଆଧୁନିକ ମେଟାଲିକ୍ସ ୱାର୍କସ ୟୁନିୟନ ପଲ୍ଲାଭାରି

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚାର୍ଡିହରିହରପୁରସ୍ଥିତ ବହୁ ଚର୍ଚ୍ଚିତ ଲିବର୍ଟି ହାଉସ୍ ଅଧିକୃତ ଆଧୁନିକ ମେଟାଲିକ୍ସ କାରଖାନାର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନର ନିର୍ବାଚନ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସିଟୁ, ସୁନ୍ଦରଗଡ଼ ଶ୍ରମିକ ସଂଘ, ଆଧୁନିକ ମେଟାଲିକ୍ସ ୱାର୍କସ ୟୁନିୟନ ମଧ୍ୟରେ ତ୍ରିମୁଖୀ ଲଢେଇ ହେବାକୁ ଯାଉଛି। ଅନ୍ୟ ପକ୍ଷରେ ଆଧୁନିକ ମେଟାଲିକ୍ସ ୱାର୍କସ ୟୁନିୟନ କାରଖାନାର ଦୁରାବସ୍ଥା ସମୟରେ ସର୍ବଦା ଶ୍ରମିକ, କର୍ମଚାରୀମାନଙ୍କ ସାଥିରେ ରହି ସ୍ଥାନୀୟ ବାସିନ୍ଦା ତଥା ଏହି ସଙ୍ଗଠନର ଲଢୁଆ ଶ୍ରମିକ ନେତା ଶରତ ତନ୍ତୀ ଓ ରାଜେଶ କେର୍କେଟା କାରଖାନା କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ସାମୂହିକ ସ୍ୱାର୍ଥ କାର୍ଯ୍ୟ କରିଆସୁଛନ୍ତି। ଫଳରେ ଶତାଧିକ ଶ୍ରମିକ ଏହି ସଙ୍ଗଠନ ସହ ଜଡିତ ରହିଛନ୍ତି। ଏହି ସଙ୍ଗଠନ କାରଖାନାର ସ୍ୱୀକୃତି ନିର୍ବାଚନରେ ବିଜୟ ଲାଭ କଲେ ସେମାନଙ୍କର ମୌଳିକ ସ୍ୱାର୍ଥ ହାସଲ ହୋଇପାରିବ ବୋଲି ଶତାଧିକ ଶ୍ରମିକ ଶୋଭାଯାତ୍ରା ଓ ନିର୍ବାଚନୀ ସଭାରେ ଏକଜୁଟ ହେଉଛନ୍ତି। ଅପରପକ୍ଷରେ ଆଗାମୀ ଦିନରେ ଶ୍ରମିକ ଓ କର୍ମଚାରୀମାନଙ୍କର ସମସ୍ତ ପ୍ରକାରର ସାଙ୍ଗଠନିକ ସୁବିଧା ପାଇଁ ଏହି ସ୍ଥାନୀୟ ସଙ୍ଗଠନର ନେତା ତନ୍ତୀ ଓ କେର୍କେଟା ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କ ପ୍ରଶିକ୍ଷଣ ଶିବିର

**ସୁନ୍ଦରଗଡ଼,୫।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ସୋମବାର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଅଧ୍ୟକ୍ଷତା କରି ନବାଗତ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲା ରେଡକ୍ରସର ଆବାହକ ଅଧ୍ୟାପକ ପିତାମ୍ବର ବେହେରା ରେଡକ୍ରସର ଇତିହାସ, ଲକ୍ଷ୍ୟ ବିଷୟରେ କହିଥିଲେ। ଯୁବ ରେଡକ୍ରସର ସମନ୍ୱୟକାରୀ ସୁମନ୍ତ କୁମାର ଦ୍ୱିବେଦୀ ପ୍ରାଥମିକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ଆପାଦକାଳୀନ ଅଧିକାରୀ କୁନ୍ତୀରାଣୀ ନାୟକ, ସୁଜାତା ତିର୍କୀ, ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ ଯୋଗଦେଇଥିଲେ। ରେଡକ୍ରସ କାଉନସେଲର ଅଧ୍ୟାପକ ପ୍ରଭାକର ସେଠୀ, ସରୋଜ କୁମାର ପୂଜାରୀ, ଅଧ୍ୟାପିକା ସୁରମା ଖାଲଖୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କୁଲପିଲାଙ୍କୁ ଦୁଗ୍ଧ ଉପହାର କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୫।୧୨**

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ନ୍ୟାଶନାଲ ଡାଏରି ଡେଭଲପମେଣ୍ଟ ବୋର୍ଡ (ଏନ୍‌ଡିଡିବି) ଫର ନ୍ୟୁଟ୍ରିଶନ ଓ ଜିଲା ପ୍ରଶାସନ ସହଭାଗିତାରେ ସ୍କୁଲ ପିଲାମାନଙ୍କ ପାଇଁ ସିଏସଆର ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ପିଲାମାନଙ୍କୁ ଦୁଗ୍ଧ ଯୋଗାଣ ନିମନ୍ତେ ଏନ୍‌ଡିଡିବି ଦ୍ୱାରା ଓମଫେଡକୁ ଏହି ପ୍ରକଳ୍ପ ଅଧୀନରେ ନିୟୋଜିତ କରାଯାଇଛି। ବିର୍ସା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦଲପୋଷ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ଏ. ସି. ସିହ୍ନା, ଏନ୍‌ଡିଡିବି ଆନନ୍ଦ ଗୁଜୁରାଟର ମହାପ୍ରବନ୍ଧକ ଅଭିଜିତ ଭଟ୍ଟାଚାର୍ଯ୍ୟ, କେ. ସି. ଦାସ,



ପିଲାଙ୍କୁ କ୍ଷୀର ବିତରଣ କରାଯାଉଛି।

ସ୍ମୃତି ସିଂହ, ସବ୍ୟସାଚୀ ରାୟ, ମୁନମୁନ ମିତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକର ୨୨ଟି ବିଦ୍ୟାଳୟର ୧୧୫୦ ଜଣ ପିଲା ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ୨ଶହ ମିଲିଲିଟର ସ୍ୱାଦଯୁକ୍ତ କ୍ଷୀର ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ପରିସରରେ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତିଦିନ ବିତରଣ କରାଯିବ। ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ମଧ୍ୟରେ ପୁଷ୍ଟିହୀନତା ସ୍ତର ହ୍ରାସ କରିବା ଏହି ଯୋଜନାର ମୂଳଲକ୍ଷ୍ୟ ରହିଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ମାର୍ଗଦର୍ଶନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି।

## ଛେଳିଆଟୋକା ମହୋତ୍ସବ: ୨୮ ନୃତ୍ୟଦଳର କଳା ପ୍ରଦର୍ଶନ

**ଲହୁଣୀପଡା,୫।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଫୁଲଝରସ୍ଥିତ ଜଟାଳ ପଡ଼ିଆ ଠାରେ ରବିବାର ଛେଳିଆଟୋକା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଏମସି ଆର୍‌ଏମ ପ୍ରଦ୍ୟୁମ୍ନ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଫୁଲଝର ସରପଞ୍ଚ ଓ ସମିତି ସଭ୍ୟା ରଇବାରୀ ମୁଣ୍ଡା, ଏତୁଆରୀ ମୁଣ୍ଡାରୀ, ବରିଷ୍ଠ କଳାକାର ଶୁକଦେବ ପଲେଇ ଏବଂ ମୁଖ୍ୟବକ୍ତା ଭାବେ ଡା. ମହେନ୍ଦ୍ର ସଏ ଯୋଗ ଦେଇଥିଲେ। ସନ୍ତୋଷ ଗିରି ପରିଚୟ ପ୍ରଦାନ ଓ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଦୋଳଗୋବିନ୍ଦ ବାରିକ ଅଧ୍ୟକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ଆଦିବାସୀ ପାରମ୍ପରିକ ବାଦ୍ୟ ନୃତ୍ୟର ତାଳେତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେବା ସହିତ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାୟ ୪୦ ବୃଦ୍ଧାବୃଦ୍ଧଙ୍କୁ ଅନୁଷ୍ଠାନ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ସଭା ଶେଷରେ କିଶୋର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ମୁଣ୍ଡା ନୃତ୍ୟ ଦଳ, ପାଉଡି ଭୂୟାଁ ନୃତ୍ୟ ଦଳ, ମୁଣ୍ଡାରୀ ନୃତ୍ୟ ଦଳ, ଚାଙ୍ଗୁ ନୃତ୍ୟ ଦଳ ଓ କୃଷ୍ଣଗୁରୁ ନୃତ୍ୟ ଦଳ ସହିତ ପ୍ରାୟ ୨୮ଟି ଦଳ ତାଙ୍କର କଳା ପ୍ରଦର୍ଶନ କରିଥିଲେ। ସାଥୁଆ ମୁଣ୍ଡା, ଯୁଗଳ ମୁଣ୍ଡାରୀ, ସିଂ ରାୟ ମୁଣ୍ଡାରୀ, ପ୍ରସନ୍ନ ମୁଣ୍ଡାରୀ, ଅର୍ଜୁନ ମୁଣ୍ଡା, ଫକୀର ମହାକୁଡ଼, ପ୍ରମିଳା ମହାକୁଡ଼, ଭୁବନେଶ୍ୱର ଆପଟ, ରାଜ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଦିବାସୀ ନୃତ୍ୟର ତାଳେତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନିଆଯାଉଛି।

## ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ଗୀତା ଜୟନ୍ତୀ

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ସ୍ଥାନୀୟ ନରସିଂହ ମନ୍ଦିର ପ୍ରାଙ୍ଗଣରେ ଗୀତା ଜୟନ୍ତୀ ପାଳିତ ହୋଇଥିଲା। ସଭାପତି ଧନଞ୍ଜୟ ମିଶ୍ର, ସମ୍ପାଦକ ଆଇନଜୀବୀ ଜୟରାମ ମିଶ୍ରଙ୍କ ଆହ୍ୱାନକ୍ରମେ କାଜୁ ନିଗମ ପୂର୍ବତନ ଅଧକ୍ଷ ସରୋଜ କୁମାର ପାଣିଗ୍ରାହୀ ଓ ତାଙ୍କ ପତ୍ନୀ ଜ୍ୟୋତି ପାଣିଗ୍ରାହୀ ମୁଖ୍ୟକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉପଦେଷ୍ଟା ସତ୍ୟବନ୍ତ ବେଦବାକ୍ ଶ୍ରୀମଦ୍ ଭଗବତ ଗୀତା ଶ୍ଳୋକ ପାଠ କରିଥିଲେ। ଉପସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧକ୍ଷ ପର୍ଶୁରାମ ନାୟକ, ରତ୍ନମୟ ତ୍ରିପାଠୀ, ରଘୁନାଥ ମିଶ୍ର, ବଦ୍ରିନାରାୟଣ ମିଶ୍ର, କସ୍ତୁରୀ ରଥ, ରାଧାକାନ୍ତ ମିଶ୍ର ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ପିକ୍ଅପ୍ ଧକ୍କାରେ ବନ କର୍ମଚାରୀ ମୃତ

**ଭବାନୀପାଟଣା,୫।୧୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା-ଥୁଆମୂଳ ରାମପୁର ରାସ୍ତା ଫୁର୍ଲିଝରଣ ଶଗଡା ଗେଟ୍ ନିକଟରେ ସୋମବାର ପୂର୍ବାହ୍ନ ୧୧ଟାରେ ପିକ୍ଅପ୍ ଧକ୍କାରେ ଜଣେ ବନ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜୁନାଗଡ ବ୍ଲକ ଚିଲଗୁଡା ଗ୍ରାମର କିଶୋର ବିହାରୀ (୨୪)। ଏଲିଫେଣ୍ଟ ସ୍କ୍ୱାର୍ଡରେ କାର୍ଯ୍ୟରତ ଥିବା କିଶୋର ରାସ୍ତାରେ ଛିଡା ହୋଇଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍ଅପ୍ ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଯାଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ପିକ୍ଅପ୍ ଗାଡି ସହ ଚାଳକଙ୍କୁ ଭବାନୀପାଟଣା ସଦର ଥାନା ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ଭବାନୀପାଟଣା,୫।୧୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସହର ଦେୱାନୀ ସାହେବପଡାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିପିନ ନାଏକ ବୋଲି ଜଣାପଡିଛି। ବିପିନ ଘରେ ବିଦ୍ୟୁତ୍ ତାର ସଜାଡୁଥିବା ବେଳେ ହଠାତ୍ ବିଦ୍ୟୁତ ସଂସ୍ପଶରେ ଆସି ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସୋମବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୨) ରୁଜୁ ହୋଇଛି।

## ମୃତ୍ତିକା ଦିବସରେ ମାଟି ସୁରକ୍ଷା ପାଇଁ ଚାଷୀଙ୍କ ଶପଥ

**କର୍ଲାମୁଣ୍ଡା,୫।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟିଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋଶାଇଟି ପକ୍ଷରୁ ସୋମବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ, କୃଷକ ସାଥି ସାମନ୍ତ ଦୀପ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଚାଷୀଙ୍କୁ ନେଇ ବିଭିନ୍ନ ପ୍ରକାର ମାଟି ଚିହ୍ନଟ ଓ ମାଟି ଅନୁସାରେ ଫସଲ ତଥା ମାଟି ପରୀକ୍ଷା ଉପରେ ଆଲୋକପାତ କରିଥିଲେ। ମାଟିର ସୁରକ୍ଷା ପାଇଁ ଚାଷୀମାନେ ଶପଥ ନେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୌରୀ ଦୀପ, ଶ୍ରଦ୍ଧାଞ୍ଜଳି ବାଗ, ଭାନୁମତି ପ୍ରଧାନ, ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରିଆ, ପ୍ରବୀଣ ଭୋଇ, ସତ୍ୟ ସାଇ ପଧାନ, କ୍ଷୀର ସାଗର କୁମାର ଓ ଅନ୍ୟ ଚାଷୀମାନେ ଅଂଶ ଗ୍ରହଣ କରିଥିଲେ।

## ଓଏପିଏଫ ଯବାନଙ୍କ ଝୁଲନ୍ତା ମୃତଦେହ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଗୋଲାମୁଣ୍ଡା,୫।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ପରିସରରେ ଥିବା ଷ୍ଟାଫ କ୍ୱାର୍ଟରରୁ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଦଶପୁର ଫାଣ୍ଡିର ଓଏପିଏଫ ଯବାନ ଦେବରାଜ ନାୟକ (୩୨)। ମୃତକଙ୍କ ଘର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ଅଞ୍ଚଳର ବୋଲି ଜଣାପଡିଛି। ଘଟଣାସ୍ଥଳରେ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଧୀରଜ କୁମାର ଚୋପଦାର ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଳାଇଛି। ନନ୍ଦାହାଣ୍ଡିରୁ ପରିବାରବର୍ଗ ପହଞ୍ଚିବା ପରେ ପୋଲିସ ଉକ୍ତ ଘର ଖୋଲି ମୃତଦେହ ଜବତ କରିଛି। ଅନ୍ୟପଟେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତ ଯବାନଙ୍କ ସ୍ତ୍ରୀ ଭାରତୀ ଭଦ୍ରା ତାଙ୍କ ସ୍ୱାମୀଙ୍କ ସହିତ ରାତି ୧୧ଟାରେ କଥା ହୋଇଥିଲି ଓ ସେ ଏକଦମ ଠିକ ଥିଲେ। କିଛି ଅସୁବିଧା ଥିଲେ ନିଶ୍ଚିତ କହିଥାନ୍ତେ, ସେ କାହିଁକି ଆତ୍ମହତ୍ୟା କରିବେ। ଆତ୍ମହତ୍ୟା କରିବାର କୌଣସି କାରଣ ନାହିଁ, ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ପରିବାର ଲୋକେ। ପୋଲିସ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଘଟଣାର ସବୁ ଦିଗକୁ ଦେଖି ତଦନ୍ତ କରାଯାଉଛି ବୋଲି ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଚୋପଦାର କହିଛନ୍ତି। ମୃତ ଯବାନଙ୍କ ୩ ବର୍ଷର ଝିଅ ରହିଛି।

# ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ଇଟାଭାଟିରେ ପୋଡ଼ି ଚାଲିଗଲା ଜୀବନ

**କୋକସରା,୫।୧୨(ଡି.ଏନ.ଏ.)**

୨୪ ଘଣ୍ଟା ନ ପୁରୁଣୁ ଇଟାଭାଟିରେ ପୋଡ଼ି ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ସାମ୍ନାକୁ ଆସିଛି। ସୋମବାର କଳାହାଣ୍ଡି ଜିଲା ଗମ୍ଭାରୀଗୁଡା ସିର୍ଲିଗୁଡା ଗାଁକୁ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଫେରୁଥିବା ବେଳେ ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ ସିକନ୍ଦରାବାଦରେ ହୋଇଥିବା ଖବର ମିଳିଛି। ମୃତକ ହେଉଛନ୍ତି ସାନପୋଡ଼ା ପଞ୍ଚାୟତ ନେଗିଗୁଡା ଗାଁର ସତ୍ୟ ସୁନା (୨୪)। ସେ ମାସେ ତଳେ ନୂଆପଡା ଜିଲା ସିନାପାଲି ବ୍ଲକ ପିଠାପଡା ଗ୍ରାମର ଦାଦନ ସର୍ଦ୍ଦାର ସୁଧାନ୍ୟ ସୁନାଙ୍କ ପ୍ରଲୋଭନରେ ପଡ଼ି ସିକନ୍ଦରାବାଦ ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ଇଟାଭାଟିରେ କାମ କରୁଥିବା ବେଳେ ଗତ ଗୁରୁବାର ଇଟାଭାଟି ପୋଡି ଗୁରୁତର ହୋଇଥଲେ। ତାଙ୍କୁ ସିକନ୍ଦରାବାଦସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ରାତି ପ୍ରାୟ ୯ଟାରେ ମୃତ୍ୟୁ ଖବର ଶୁଣିବା ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଅନ୍ୟପଟେ ମୃତଦେହ ଆଣିବାକୁ ମୃତକଙ୍କ ବାପା ବାଳମତ ସୁନା ଓ ସମ୍ପର୍କୀୟ ସିକନ୍ଦରାବାଦ ଯାଇଛନ୍ତି। ଘରେ ବୃଦ୍ଧା ମା' ଓ ଭାଇଭଉଣୀଙ୍କ ସମେତ ପରିବାର ଅନେଇ ବସିଛନ୍ତି। ପ୍ରକାଶ ଥାଉ କି କୋକସରା ବ୍ଲକ ଅଞ୍ଚଳରେ ଶ୍ରମିକଙ୍କ ପାଇଁ ରହିଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଦିଗହରା ହୋଇ ପଡ଼ିଥିବା ବେଳେ ନିଜ ଅଞ୍ଚଳରେ କର୍ମ ସଂସ୍ଥାନ ଅଭାବରୁ ପ୍ରତିଦିନ ବ୍ଲକ ଶହ ଶହ ଶ୍ରମିକ ଅନ୍ୟ ରାଜ୍ୟ ମୁହାଁ ହେଉଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତକୁ ଗତ କିଛିମାସ ମଧ୍ୟରେ ଆଜିର ଘଟଣାକୁ ମିଶାଇ ୧୦ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଫେରିବା ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି।



ମୃତ ଶ୍ରମିକଙ୍କ ଫାଇଲ ଫଟୋ ଏବଂ ଦୁଃଖରେ ଭାଙ୍ଗିପଡ଼ିଥିବା ମୃତକଙ୍କ ପରିବାରବର୍ଗ।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**କୋକସରା,୫।୧୨(ଡି.ଏନ.ଏ.)**

ସିକନ୍ଦରାବାଦରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମର ତେଜରାଜ ନାଏକ (୨୭)ଙ୍କ ମୃତଦେହ ସୋମବାର ପହଞ୍ଚିଛି। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ମଶାଣିରେ ସତ୍କାର କରାଯାଇଛି। ସୂଚନା ଅନୁସାରେ ସିର୍ଲିଗୁଡା ଗ୍ରାମର ତେଜରାଜ ୭ ମାସ ତଳେ ଦାଦନ ଖଟିବାକୁ ଯାଇ ସିକନ୍ଦରାବାଦ ନିକଟ ଏକ ଠିକାସଂସ୍ଥାରେ ଶ୍ରମିକ ଭାବେ କାମୁ କରୁଥିଲେ। ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିଲା। ଠିକାସଂସ୍ଥା ପକ୍ଷରୁ ପରିବାରକୁ ୨ ଲକ୍ଷ ସହାୟତା ଦିଆଯାଇଛି। ଗମ୍ଭାରୀଗୁଡା ପଞ୍ଚାୟତ ପକ୍ଷରୁ ମଧ ସରପଞ୍ଚ ଇଶରାମ ସୁନାନୀ ଓ ନାଏବ ସରପଞ୍ଚ ନନ୍ଦିନୀ ନାଗ ମୃତକଙ୍କ ଘରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାର ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି।

# ଏଣିକି ହାବସପୁରୀ ୟୁନିଫର୍ମରେ ଆସିବେ ପିଜି ଛାତ୍ରୀଛାତ୍ର



ହାବସପୁରୀ ୟୁନିଫର୍ମ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କୁଳପତି ସଞ୍ଜୟ କୁମାର ଶତପଥୀ ଲୋକାର୍ପଣ କରୁଛନ୍ତି।

**ଭବାନୀପାଟଣା,୫।୧୨(ସ୍ୱ.ପ୍ର.)**

### କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ୟୁନିଫର୍ମ ପ୍ରଚଳନ କରିଛନ୍ତି। ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ସୋମବାର ନିଜ ହାତରେ ନୂଆ ୟୁନିଫର୍ମ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ଏଥର ହାବସପୁରୀ ପୋଷାକ ପିନ୍ଧିବେ। କୁଳପତି ଅଭିଭାଷଣରେ କହିଲେ ଯେ, ହାବସପୁରୀ ହସ୍ତତନ୍ତ କଳାହାଣ୍ଡିର ପରିଚୟ। କିନ୍ତୁ ଏହା ବର୍ତ୍ତମାନ ପୃଷ୍ଠ ପୋଷକତାର ଅଭାବ ହେତୁ ଦୁର୍ଦ୍ଦିନରେ ଗତି କରୁଛି। ଏହାର ପୁନରୁଦ୍ଧାର ପାଇଁ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଅଣ୍ଟା ଭିଡ଼ିଛି। ଏହାଦ୍ୱାରା କାରିଗରମାନେ ବହୁଳ ଭାବରେ ଉପକୃତ ହେବେ। ଏହି ଉପଲକ୍ଷେ ଶହଶହ ଛାତ୍ରୀଛାତ୍ର ଉପସ୍ଥିତ ରହି ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପୀତାମ୍ବର ଭୋଇ, ବିତ୍ତ ଅଧିକାରୀ ସୁରେଶ ପିତିଶିକା, ହାବସପୁରୀ ଫେଶନ ଡିଜାଇନର ସୁଜିତ ମେହେର, ପିଜି କାଉନସିଲ ମେଜର ଡକ୍ଟର ଜୟଦେବ ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

**କର୍ଲାମୁଣ୍ଡା/କୋକସରା, ୫।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଚରିତା ମୁଗ୍ରୀଙ୍କ ଅଧ୍ୟକ୍ଷତାରେ ତହସିଲଦାର ମିଳନ କୁମାର ଝାଙ୍କର, ଜିପିଇଓ ଯୁଗଳ କିଶୋର ନାଏକ, ବିଏସଏସଓ ସସ୍ମିତା ପଟେଲ, ସରପଞ୍ଚ ପଞ୍ଚାନନ ବାଗ, ସମିତି ସଭ୍ୟ ଆନନ୍ଦ ନାଗ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପାରମାନନ୍ଦ ମାଝି, ଗ୍ରାମରୋଜଗାର ସେବକ ଉମେଶ ସୁନା, ଭାରପ୍ରାପ୍ତ ଏଏଓ ଅରୁଣ ଚନ୍ଦ୍ର ପାଢ଼ୀ, କନିଷ୍ଠ ଯନ୍ତ୍ରୀ ଶିଶିର ଶବର, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ବିଭୁତି କିଷାନ, ଯୋଗାଣ ସହାୟକ ଫକୀର ଚରଣ ବାଗଙ୍କ ସମେତ ବ୍ଲକ ଅନ୍ୟାନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଗ୍ରାମୀଣ ଆବାସ ପାଇଁ ୧୬୨ଜଣ, ପିଡ଼ିଏସ ପାଇଁ ୧୧ଜଣ, ଏମ୍‌ଜିଏନ୍‌ଆରଇଜିଏସ୍‌୨, ଭତ୍ତା ପାଇଁ ୧୧ଓ ଅନ୍ୟାନ୍ୟ ବିଭାଗକୁ ମିଶେଇ ମୋଟ ୧୯୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତରେ ଯୁଗ୍ମଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗଙ୍କ ଅଧ୍ୟକ୍ଷତାରେ ବିଡିଓ ଉତ୍ତମ କୁମାର ବାଗ, ତହସିଲଦାର ମୋହନ ଚରଣ ଜେନା, ସମିତି ସଭ୍ୟ ପାର୍ବତୀ ବାଗ, ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ, ଜିପିଓ ନାରାୟଣ ଭୋଇ, କନିଷ୍ଠ ଯନ୍ତ୍ରୀ ଅମ୍ବିକା ମାଝି, ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ସୌନ୍ଦର୍ଯ୍ୟ ନାଏକ ଆମପାଣି ଥାନାଧିକାରୀ ଚତୁର୍ଭୁଜ ନାଏକ, ମତ୍ସ୍ୟ ଅଧିକାରୀ ଲଳିତ ମହାନନ୍ଦ, ସମନ୍ୱିତ ଶିଶୁ ବିଭାଗ ସୁପରଭାଇଜର ପ୍ରିୟସିନି ତାଣ୍ଡି,ବ୍ଲକ ଯୋଗାଣ ବିଭାଗ ଡି ଓ ଅରବିନ୍ଦ ଚଲାନ, ମହିଳା ସ୍ୱାସ୍ଥ୍ୟ କର୍ମୀ ମୀରାବତି ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ହିତାଧିକାରୀଙ୍କ ଆବାସ ଘର, ପିଡିଏସ, ଭତ୍ତା ଓ ଅନ୍ୟାନ୍ୟ ଅଭିଯୋଗ ଅଭିଯୋଗ ଶୁଣିବା ସହ ସମାଧାନ କରିବା ଦିଗରେ ପ୍ରୟାସ କରାଯିବା ନେଇ ପ୍ରଶାସନ ପ୍ରତିଶ୍ରୁତି ଦେଇଛି। କାର୍ଯ୍ୟକ୍ରମ ପିଓଇ ଆନନ୍ଦ ରାମ ସୁନାନୀ, ଗ୍ରାମ ରୋଜଗାର ସେବକ ଶିବରାମ ଗହୀର ଓ ପଞ୍ଚାୟତ କର୍ମଚାରୀ ସହଯୋଗ କରିଥିଲେ।



ଗ୍ରାମୀଣ ଆବାସ ଯୋଜନାରେ ସାମିଲ ପାଇଁ ଜଣେ ମହିଳା ବିଡିଓଙ୍କୁ ଦରଖାସ୍ତ ଦେଉଛନ୍ତି।

## ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଉଦ୍‌ଯାପିତ

**ରୂପ୍ରାରୋଡ,୫।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବୁଢୀପଦରଠାରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ୩୦ତମ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ ଯୋଗଦେଇଦେଇଥିଲେ। ଅନୁଷ୍ଠାନ ସଭାପତି ସଞ୍ଜୟ କୁମାର ଧଙ୍ଗଡାମାଝିଙ୍କ ପୌରୋହିତ୍ୟରେ ବିଶିଷ୍ଟ ଅତିଥି ଭାବେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ ବେହେରା, ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ସତପଥି, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ ମେଜର୍ ଡ. ଜୟଦେବ ସାହୁ, ସମ୍ମାନିତ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଧାନାନନ୍ଦ ପଣ୍ଡା, ବିଶିଷ୍ଟ ଉଦ୍ୟୋଗପତି ସୁମିତ କୁମାର ଅଗ୍ରୱାଲ, ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡାମାଝି ପ୍ରମୁଖ ଯୋଗଦେଇଥିଲେ। ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ଯୁଗ୍ମ ସମ୍ପାଦକ ସୁଧୀର ଧଙ୍ଗଡ଼ାମାଝି ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡାମାଝି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଫେସର୍ ସଞ୍ଜୟ ଶତପଥୀଙ୍କୁ ଦେବଗିରି ସମ୍ମାନ, ଡିଲେଶ୍ୱର ରଣାଙ୍କୁ ଦେବଗିରି ଯୁବ ସମ୍ମାନ, ଡ଼. ନୃପରାଜ ସାହୁଙ୍କୁ ଦେବଗିରି ସାହିତ୍ୟ ସମ୍ମାନ ସହ ଅନେକଙ୍କୁ ମଧ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ରାକ୍ସିର ଘୁମୁରା, ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ବନାବାଡି ଖେଳ ସମେତ ରାୟଗଡ଼ା, ସମ୍ବଲପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲାର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପଶ୍ଚିମ ଓଡ଼ିଶାର ବିଖ୍ୟାତ ମଞ୍ଚ ପରିଚାଳକ ସୁଧିର ନାଏକ ନୃତ୍ୟ ଆସରର ସଂଯୋଜନା କରିଥିଲେ।

# କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ


ବ୍ରାହ୍ମଣ ସମାଜର ମୋଟରସାଇକେଲ ଶୋଭାଯାତ୍ରା।

**ଭବାନୀପାଟଣା,୫।୧୨(ସ୍ୱ.ପ୍ର.)**

### ମୋଟର ସାଇକେଲ ଶୋଭାଯାତ୍ରା

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀକୃଷ୍ଣଙ୍କ ଷୋଡଶ ଉପଚାର ପୂଜା ଓ ଗୀତା ଯଜ୍ଞ ହୋଇଥିଲା। ଗୀତା ଯଜ୍ଞରେ ବ୍ରହ୍ମା ଦାୟିତ୍ୱ ମଧୁସୂଦନ ପୁରୋହିତ ତୁଲାଇଥିବା ବେଳେ ଯଜ୍ଞର ଆଚାର୍ଯ୍ୟ ନିରଞ୍ଜନ ଦାଶ ଓ ଭବାନୀ ଶଙ୍କର ଆଚାର୍ଯ୍ୟ ତୁଲାଇଥିଲେ। ଅଶୋକ ନେଗୀ ଓ ସଂଯୁକ୍ତା ନେଗୀ ଯଜ୍ଞ କର୍ତ୍ତା ହୋଇଥିଲେ। ଗୀତା ଜୟନ୍ତୀ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ ବ୍ରାହ୍ମଣ ସମାଜ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଯୋଗଦେଇଥିଲେ। ଏହି ଅବସରରେ ପର୍ଶୁରାମ ସେନା ଜିଲା ସଂଯୋଜକ ପ୍ରଶାନ୍ତ ଠାକୁରଙ୍କ ନେତୃତ୍ୱରେ ଏକ ମୋଟରସାଇକେଲ ଶୋଭାଯାତ୍ରା ହୋଇଥିଲା। ମୋଟରସାଇକେଲ ଶୋଭାଯାତ୍ରା ବିଜୁ କଲ୍ୟାଣ ମଣ୍ଡପରୁ ବାହାରି ଘୋଡାଘଟ ଛକ, ଜେଲ ଛକ, ସର୍କିଟ ହାଉସ ଛକ, ତହସିଲ ଅଫିସ ଛକ, ବ୍ୟାଙ୍କ ଛକ, ଜଗନ୍ନାଥ ମନ୍ଦିର, ଷ୍ଟେଚୁ ଛକ, ପୁରୁଣା ସିନେମା ହଲ ଛକ, ମାଣିକେଶରୀ ହାଇସ୍କୁଲ ଛକ, ଦୟାନିଧି ଛକ ଦେଇ ବିଜୁ କଲ୍ୟାଣ ମଣ୍ଡପ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରଜ୍ଞା ବାହିନୀ ଜିଲା ସଂଯୋଜିକା ସ୍ନେହଲତା ଷ ମାର୍ଗଦର୍ଶକ ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ଅତିଥିମାନଙ୍କୁ ଅଭ୍ୟର୍ଥନା କରାଯାଇଥିଲା। ପ୍ରସାଦ ସେବନ କମିଟି ପ୍ରମୁଖ ବାଞ୍ଛାନିଧି ମିଶ୍ର, ଯଜ୍ଞ କମିଟି ପ୍ରମୁଖ ଭାଗବତ ମହାପାତ୍ର, ପଞ୍ଜିକରଣ କମିଟି ପ୍ରମୁଖ ସୁରେନ୍ଦ୍ର ନେଗୀଙ୍କ ତତ୍ତ୍ୱବଧାନରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବ୍ରାହ୍ମଣ ସମାଜ କଳାହାଣ୍ଡି ଜିଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ଭବାନୀଶଙ୍କର ମିଶ୍ର, ବିନୋଦ ଶର୍ମା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଙ୍ଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଉମେଶ ପଣ୍ଡା, ହେମନ୍ତ ପଣ୍ଡା, କୋଷାଧକ୍ଷ କ୍ଷୀରୋଦ ନେଗୀ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ ଖମାରୀ, ହର୍ଷ ବେହେରା, ଅଜୟ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଅପରାହ୍ନ ସାଢେ ୩ଟାରେ ଗୀତା ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।

# ପ୍ରଥମ ଥର ପାଇଁ ଭାଗ ନେଲେ ୧୦ ଛାତ୍ରୀଛାତ୍ର

### ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ଭବାନୀପାଟଣା,୫।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ସୋମବାର ଜିଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ସଭାରେ ମୃତ୍ତିକା, ମୃତ୍ତିକାର ସ୍ୱାସ୍ଥ୍ୟ, ମୃତ୍ତିକା ପରୀକ୍ଷାର ଉଦ୍ଦେଶ୍ୟ ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଏଥିରେ ଉପସ୍ଥିତ ଚାଷୀ, କୃଷକମାନଙ୍କୁ ମୃତ୍ତିକାର ଗୁଣବତ୍ତା ବଜାୟ ରଖିବା ସହ ମୃତ୍ତିକା କ୍ଷୟକୁ ରୋକିବାର ବିଭିନ୍ନ ଉପାୟ ଉପରେ ଅବଗତ କରାଯାଇଥିଲା। ପ୍ରଥମ ଥର ପାଇଁ ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଥୁଆପଦର୍ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ତଲବେଲଗାଁ, ଶ୍ରିପୁର୍, ଚହଗାଁ, ପଲ୍ଲିଝରନ, ଉଦେୟପୁରରୁ ୨୦ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ କରାଯାଇଥିଲା। ଆରମ୍ଭରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଉଦ୍ୟାନ ଉପକୃଷି ନିର୍ଦ୍ଦେଶକ କିଶୋର ମହାଲିଙ୍ଗ, ଜିଲା ମତ୍ସ୍ୟ ଅଧିକାରୀ ବସନ୍ତ ନାୟକ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଏ କେ ଆଚାର୍ଯ୍ୟ, କୃଷି ବିଜ୍ଞାନ କେନ୍ଦ୍ର ତଥା ଆଞ୍ଚଳିକ ସମ୍ପ୍ରସାରଣ କେନ୍ଦ୍ର କୃଷି ବୈଜ୍ଞାନିକ ଡ ଏ ପଣ୍ଡା, ଭବାନୀପାଟଣାସ୍ଥିତ କୃଷି ବିଦ୍ୟାଳୟର ଡିନ ଡ ଏସ୍‌କେ. ତ୍ରିପାଠୀ, ମୃତ୍ତିକା ରସାୟନବିତ ଶୁଭେନ୍ଦୁ କର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଯୋଗଦେଇ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ବିଧାୟକ ଭବାନୀପାଟଣାଙ୍କ ପ୍ରତିନିଧି ମନୋଜ କୁମାର ସାହୁ ଓ ଆତ୍ମାର ଅଧକ୍ଷ ସଚ୍ଚିଦାନନ୍ଦ ମହାକୁଡ ଏଭଳି ସଭାର ଆୟୋଜନ ବ୍ଲକ ତଥା ପଞ୍ଚାୟତସ୍ତରରେ କରିବା ନିମିତ୍ତ ମତାମତ ପ୍ରଦାନ କରିଥିଲେ।

# ହିଞ୍ଜିଲିବାହାଲି ସ୍କୁଲରେ ଫଟୋ ପ୍ରଦର୍ଶନୀ, ପ୍ରତିଯୋଗିତା

**ଜୁନାଗଡ,୫।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ହିଞ୍ଜିଲିବାହାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର କୈଭଲ୍ୟା ଏଜୁକେସନ ଫାଉଣ୍ଡେଶନ୍ ପକ୍ଷରୁ ଏକ ଫଟୋ ପ୍ରଦର୍ଶନୀ ସହ ଫଟୋ ପ୍ରତିଯୋଗୀତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୪୮ଟି ମଡେଲ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ/ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ସ୍କୁଲ ପ୍ରଧାନଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଇଓ ଷଷ୍ଠି ଝାଙ୍କର, ସମ୍ମାନିତ ଅତିଥି ଭାବେ ନୋଡାଲ ସିଆରସିସି ଗୋଦାବରୀଶ ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଫାଉଣ୍ଡେଶନ ଜୁନାଗଡ ବ୍ଲକ ପରିଚାଳିକା ସୁପ୍ରିୟା କୁମାରୀ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ପାଠ ପଢିବା ସହିତ ଏଭଳି ଫଟୋ ପ୍ରଦର୍ଶନୀରେ ଭାଗ ନେଇ ତାଙ୍କ ଲୁକାୟିତ ପ୍ରତିଭାକୁ ସାମାନାକୁ ଆଣିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ପରିଚାଳିକା ସୁପ୍ରିୟା କୁମାରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେଶନର କୌଶଳ କିଶୋର, ସଚଳା ବାରିକ, ମହେଶ୍ୱର ମାଝି, ଶିକ୍ଷୟତ୍ରୀ ନିକିତା ସାହୁଙ୍କ ସମେତ ଅନ୍ୟ ଶିକ୍ଷୟତ୍ରୀ/ଶିକ୍ଷକମାନେ ସହଯୋଗ କରିଥିଲେ।

# କଟନୀ ଛଟନୀରେ ଚାଲିଛି ଧାନ କିଣା

### ଚାଷୀ ମହଲରେ ଅସନ୍ତୋଷ

**ନୂଆପଡ଼ା ଅଫିସ,୫।୧୨**

ନୂଆପଡା ଜିଲାରେ ଚାଷୀ ସୁବିଧାରେ ଧାନ ବିକ୍ରୟ କରି ଉଚିତ ପାଉଣା ପାଇବା ପାଇଁ ନଭେମ୍ବର ୩୦ରୁ ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାଯାଇଛି। ଜିଲାରେ ୨୬ଟି ପ୍ରାଥମିକ କୃଷି ସମବାୟ ସମିତିରୁ ୫୭ଟି ଓ ସ୍ୱୟଂ ସହାୟକ ମହିଳା ଗୋଷ୍ଠି ମାଧ୍ୟମରେ ୧୫ଟି ମୋଟ ୭୨ଟି ମଣ୍ଡି ଖୋଲାଯାଇ ଖରିଫ ଧାନ କ୍ରୟ କରାଯାଉଛି। ହେଲେ ଜିଲାର କିଛି ମଣ୍ଡିରେ ୩ ରୁ ୫ କିଲୋଗ୍ରାମ ଧାନ କଟନୀ ଛଟନୀ କରୁଥିବା ଅଭିଯୋଗ ହେଉଛି। କୋମନା ବ୍ଲକ ତରବୋଡ ମଣ୍ଡିରେ ୨ ରୁ ୩ କିଲୋଗ୍ରାମ ଧାନ କଟନୀ ଛଟନୀ ହେଉଥିବା ବେଳେ କାଣ୍ଡେତରା ମଣ୍ଡିରେ ୩ରୁ ୫ କିଲୋଗ୍ରାମ ଧାନ କଟନୀ ଛଟନୀ କରୁଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବିନା କଟନୀ ଛଟନୀରେ ମିଲର୍ସ ଧାନ ନ ଉଠାଇବାରୁ ଚାଷୀ ବାଧ୍ୟ ହୋଇ ୩ କିଲୋଗ୍ରାମ ଧାନ କାଟିବା ପାଇଁ ମିଲର୍ସ ସହିତ ଚୁକ୍ତି କରିବା ପରେ କାଣ୍ଡେତରା ମଣ୍ଡିରୁ ଧାନ ଉଠାଣ ହେଉଛି। ମିଲର୍ସ ଚାଷୀଙ୍କୁ ଗନିବେଗ ଦେବାର ନିୟମ ରହିଥିଲେ ମଧ୍ୟ ତାହା ଦେଇନାହାନ୍ତି। ଚାଷୀ ବେଗ ପ୍ରତି ୩୫ ରୁ ୪୦ ଟଙ୍କାରେ କ୍ରୟ କରୁଛି। କୁଇଣ୍ଟଲ ପ୍ରତି ଦୁଇଟି ବେଗ ଓ ୩ କିଲୋଗ୍ରାମ ଧାନ ଚାଷୀ ଠାରୁ ମିଲର୍ସ ନେଉଛି। ଚାଷୀଙ୍କୁ ମିଲର୍ସ ଶୋଷଣ କରି ଚାଲିଛି। କୁଇଣ୍ଟାଲ ପ୍ରତି ଚାଷୀ ୧୩୦ରୁ ୧୪୦ ଟଙ୍କା କ୍ଷତି ସହୁଛି। ମିଲର୍ସମାନେ ବିନା କଟନୀ ଛଟନୀରେ ଚାଷୀମାନଙ୍କଠାରୁ ମଣ୍ଡିରୁ ଧାନ ଉଠାଇବେ। ଯେଉଁ ମିଲ ମାଲିକମାନେ ଚାଷୀଙ୍କ ଧାନରୁ କଟନୀ ଛଟନୀ କରୁଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯିବ। ସେଥିରେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀ ମଧ୍ୟ ବାଦ ପଡିବେନି ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ସରକାରଙ୍କ ଘୋଷଣା ପାଣିଗାର କି କାର୍ଯ୍ୟକାରୀ ହେଉଛି ଦେଖାଯାଉ ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି।



ମଣ୍ଡିରେ ଧାନ ପଡିରହିଛି।

## ସଂକ୍ଷେପରେ

### କେବୁଲ୍ ବିଛେଇ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ

**ବାଉଁଶୁଣୀ, ୫।୧୨(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଗୋଛାପଡା ପଞ୍ଚାୟତ ଝାରମୁଣ୍ଡା ଗ୍ରାମରେ କେବୁଲ ବିଛେଇବା କାମରେ ନିୟୋଜିତ କର୍ମଚାରୀ କେଶବ ନାଏକ (୩୭)ଙ୍କ ସୋମବାର ଆକସ୍ମିକ ମୃତ୍ୟୁ ଘଟିଛି। ଗୋଛାପଡା ପଞ୍ଚାୟତ ଝାରମୁଣ୍ଡା ଅଞ୍ଚଳରେ ଆଜକୁ ଦୁଇ ମାସ ହେବ ଜିଓ ୫-ଜି କେବୁଲ ପାଇଁ ପାଇପ କାମ ଚାଲୁଛି। ସେଠାରେ କେଶବ କାର୍ଯ୍ୟରତ ଥିଲେ। ସେ ଡ୍ୟୁଟି ସାରି ଫେରିବା ପରେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ସହିତ ରହୁଥିବା ଅନ୍ୟ କର୍ମଚାରୀଙ୍କୁ ଭଲ ଲାଗୁ ନ ଥିବା କହିବା ପରେ ତାଙ୍କୁ ସଙ୍ଗେସଙ୍ଗେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେଶବଙ୍କ ଘର ନୟାଗଡ଼ ଜିଲା ସିନ୍ଧୁରିଆ ପଞ୍ଚାୟତ ଦେଉଳପାଲି ଗ୍ରାମରେ। ଖବରପାଇ ବାଉଁଶୁଣି ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରିରଖିଛି। ପୋଲିସ ମୃତଦେହ ଜବତ କରି ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଅରୁଣ ସିଂ କହିଛନ୍ତି।

### ବୌଦ୍ଧ ବ୍ଲକ ପରିସରରେ ଜିଲାପାଳଙ୍କ ଜନଶୁଣାଣି

**ବୌଦ୍ଧ, ୫।୧୨(ସ୍ୱ.ପ୍ର.):** ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ସମୁଦାୟ ୬୨ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ୫୫ଟି ବ୍ୟକ୍ତିଗତ ମାମଲା ଓ ୭ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ସେଥିମଧ୍ୟରୁ ୭ ଜଣଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ଓ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମିନା, ଅତିରିକ୍ତ ଜିଲାପାଳ ବବିତାରାଣି ଦଳବେହେରା, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନି କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ଲିପସା ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରକୁ ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆ ପରିଚାଳନା କରିଥିଲେ। ସମାଧାନ ଶିବିର ପରେ ସମସ୍ତ ଅଧିକାରୀମାନେ ବୌଦ୍ଧ ବ୍ଲକର ମିଶନ ଶକ୍ତି ଫେଡେରେସନର ସଭ୍ୟସଭ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ସାମଗ୍ରୀ ପ୍ରଦର୍ଶନ କରିବା ସହ ଅତିଥିଙ୍କୁ ମାଣ୍ଡିଆର ସୁସ୍ୱାଦୁ ଖାଦ୍ୟ ମଣ୍ଡା, ପୋଡପିଠା, କେକ, ପକୁଡି, ଆରିସା, ଜୁଜ ଆଦି ଖାଇବାକୁ ଦେଇଥିଲେ।

### ଗୀତା ଜୟନ୍ତୀ ପାଳିତ

**ଲୋଇସିଂହା,୫।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଶାଖା ଆନୁଯାୟୀ ଗୀତା ସ୍ପର୍ଦ୍ଧା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟମ ଶ୍ରେଣୀର ଚୈତନ୍ୟ ପ୍ରଥମ, ଦଶମର ଶ୍ରୀକୃଷ୍ଣ ଦ୍ୱିତୀୟ ଓ ପଞ୍ଚମ ଶ୍ରେଣୀର ଶାରଦା ତୃତୀୟ ହୋଇଥିଲେ। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ଚିତ୍ତରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଦୈନନ୍ଦିନ ଜୀବନରେ ଗୀତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ସୁସ୍ଥ ମୃତ୍ତିକା ଉତ୍ତମ ଭବିଷ୍ୟତର ଉତ୍ସ

**ସୋନପୁର,୫।୧୨(ନି.ପ୍ର.)**



ମୁଖ୍ୟଅତିଥି ଜଣେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ବିଜ୍ଞାନର ଅଗ୍ରଗତି ନାଁରେ ରାସାୟନିକ ପଦାର୍ଥର ବହୁଳ ବ୍ୟବହାର ଦ୍ୱାରା ମୃତ୍ତିକ ରଗ୍ଣ ହେଉଛି। ଉପଯୁକ୍ତ କୌଶଳ ଅବଲମ୍ବନ କରି ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା କରି ପାରିଲେ ଉତ୍ତମ ଫସଲ ଓ ଆଶାନୁରୂପ ଅମଳ ମିଳିପାରିବ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରରେ ସୋମବାର ଅନୁଷ୍ଠିତ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏହି ମତପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୃତ୍ତିକା ପରୀକ୍ଷା ଓ ଜୈବିକ ଖତର ବହୁଳ ବ୍ୟବହାର ହିଁ ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା କରିପାରିବ ବୋଲି କହିଥିଲେ। ମୃତ୍ତିକାର ପ୍ରକାର ଅନୁଯାୟୀ ଫସଲ କରିବାକୁ ଓ ଖାଲି ଧାନ ନ କରି ପନିପରିବା ଏବଂ ଡାଲି ଜାତୀୟ ଫସଲ ଚାଷ କରିବାକୁ ପରାମର୍ଶ ଦେଇଥିଲେ।

**ସୁବର୍ଣ୍ଣପୁରରେ ବିଶ୍ୱ ମୃତ୍ତିକା ଦିବସ**

ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରିଶଙ୍କର ସିଂ ସ୍ୱାଗତ ଭାଷଣ ପ୍ରଦାନ କରି ମୃତ୍ତିକା ସକଳ ଶକ୍ତିର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟର ଚାହିଦା ମଧ୍ୟ ବଢୁଛି। ତେଣୁ ପରିବେଶକୁ ସୁରକ୍ଷିତ ରଖି ମାଟି ମାକୁ ସୁସ୍ଥ ରଖି ପାରିଲେ ଆମର ଭବିଷ୍ୟତ ବଂଶଧର ମଧ୍ୟ ସୁରକ୍ଷିତ ରହିପାରିବେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ସୁସ୍ଥ ଜୀବନଚର୍ଯ୍ୟା ପାଇଁ ସୁସ୍ଥ ମୃତ୍ତିକା ଅପରିହାର୍ଯ୍ୟ ବୋଲି କହିଥିଲେ। ମୃତ୍ତିକା ପ୍ରଦୂଷଣକୁ ରୋକିବା ଓ ମୃତ୍ତିକା ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଡ. ପଟ୍ଟନାୟକ ଆଲୋକପାତ କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ମୌସୁମୀ ମହାନ୍ତ, ପିପିଏଲର ଆଞ୍ଚଳିକ ପରିଚାଳକ ସୁରେନ୍ଦ୍ର କୁମାର ତ୍ରିପାଠୀ, ମୃତ୍ତିକା ରସାୟନବିତ୍ ନିରୁପମା ଗନିକ, ଡିପିଡି ଆତ୍ମା ମିତାଲି ବିଶ୍ୱାଳ, ତରଭା ବିଏଓ ସ୍ମିତା ପଣ୍ଡା, ଏଏଓ ଲଳିତ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ ଓ ସୁପ୍ରଭା ସେଠୀ ପ୍ରମୁଖ ମୃତ୍ତିକା କ୍ଷୟ ରୋକିବା ଏବଂ ପ୍ରଦୂଷଣ ମୁକ୍ତ ସୁବର୍ଣ୍ଣପୁର ଗଠନ ପାଇଁ ପରାମର୍ଶ ଦେଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟରକ୍ଷାରେ ସମନ୍ୱିତ ଖାଦ୍ୟ ସାର ପରିଚାଳନାର ଭୂମିକା ସମ୍ପର୍କରେ ଚାଷୀଙ୍କୁ ବୁଝା ଯାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ, ଅମରେଶ ରାଉତରାୟ ଓ ଇଂ ପ୍ରିୟଙ୍କା ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ୭ ଚାଷୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରା ଯାଇଥିଲା। ସେହିପରି ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ବୀରମହାରାଜପୁର କୃଷି ଜିଲା ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଦିବସ ପାଳନ ଅବସରରେ ଏକ କୃଷି ଭିତ୍ତିକ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ନବୋଦୟ ବିଦ୍ୟାଳୟରେ ପୂର୍ବତନ ଛାତ୍ର ସମାବେଶ

**ତରଭା, ୫।୧୨(ଡି.ଏନ.ଏ.)**

ନବୋଦୟ ଆଲୁମି ଆସୋସିଏସନ ଅଫ ତରଭା(ଏନଏଏଟି) ପକ୍ଷରୁ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ୧୪ତମ ପୂର୍ବତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ପ୍ରକାଶ ଡାଙ୍ଗ, ପ୍ରେମଲାଲ ସେଠ ଏବଂ ରାମଚନ୍ଦ୍ର ମୁର୍ମୁଙ୍କ ସହ ଶିକ୍ଷକ ବିକ୍ରମ ଭୋଇ, ସୁରେଶ ମିଶ୍ର, ସିଦ୍ଧେଶ୍ୱର କର୍ଣ୍ଣ, ବିନିତା କୁମାରୀ ମଞ୍ଚାସୀନ ରହି ଛାତ୍ର ଜୀବନର ସ୍ମରଣୀୟ ମୁହୂର୍ତ୍ତକୁ ମନେ ପକାଇଥିଲେ। ପ୍ରଥମ ପର୍ଯ୍ୟାୟରେ ସାଧାରଣ ପରିଷଦ ବୈଠକ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶ୍ରେଣୀ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଲ୍ ରାଉଣ୍ଡର ଅଫ୍ ଦି ଇଅର୍ ଭାବେ ରୋଶନ ମେହେରଙ୍କୁ ଅଭିଜିତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଲଭଲି ବାଳିକା, ପ୍ରଦ୍ୟୁମ୍ନ ବାଳକ ଚାମ୍ପିୟନ

**ଅମରପାଲି, ୫।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ସ୍ଥାନୀୟ ହାଇସ୍କୁଲ ପଡିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଉଭୟ ଜୁନିଅର ଓ ସିନିଅର ବର୍ଗରେ ଛାତ୍ରୀଛାତ୍ରମାନଙ୍କୁ ନେଇ ୧୦୦ ଓ ୨ଶହ ମିଟର ଦୌଡ, ଆଳୁ ଚାମଚ ଦୌଡ, ଦଉଡି ଡିଆଁ, ସର୍ଟପୁଟ ଥ୍ରୋ, ପୁଚିଖେଳ, ଅଙ୍କଦୌଡ ପ୍ରତିଯୋଗିତ କରାଯାଇଥିଲା। ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବାଗବର ସରପଞ୍ଚ ନିରୁପମା ବରର୍ତ୍ତି ମୁଖ୍ୟ ଅତିଥି, ସ୍କୁଲ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ବାଳିକା ବିଭାଗରେ ଲଭଲି ଭୋଇ, ବାଳକ ବିଭାଗରେ ପ୍ରଦ୍ୟୁମ୍ନ ବାରିକଙ୍କୁ ଚାମ୍ପିୟନ ଏବଂ ଅନ୍ୟ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

## ସମାଜ ସଂସ୍କାରରେ କବି,ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ସାରସ୍ୱତ ସମାରୋହରେ ଉପସ୍ଥିତ କବିୟିତ୍ରୀ ଓ କବିମାନେ।

**ଅମରପାଲି, ୫।୧୨(ଡି.ଏନ.ଏ)**

**ସପ୍ତଦୀପା ସାହିତ୍ୟ ସଂସଦର ଭ୍ରାମ୍ୟମାଣ ସାହିତ୍ୟ ସମାରୋହ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ଧନୁଯାତ୍ରା ଅବସରରେ କଂସ ଦରବାରରେ ସପ୍ତଦୀପା ସାହିତ୍ୟ ସଂସଦର ୧୦୫ତମ ଭ୍ରାମ୍ୟମାଣ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ଦ୍ୱୀତିକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବୟିତ୍ରୀ ରଶ୍ମି ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ ସମାଜରେ ସଂସ୍କାର ଓ ସଚେତନତା ପାଇଁ ସାହିତ୍ୟିକ, ଲେଖକ ଓ କବିଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା କମିଟି ସଭାପତି କିଶୋର କୁମାର ହୋତା ଅତିଥି ପରିଚୟ ପ୍ରଦାନ, ଯୁଗଳ କିଶୋର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଶିଷ୍ଟ କବି ଗବେଷକ ଡ. ଅନିରୁଦ୍ଧ କୁରୁକୁରିଆ ଓ ଅକ୍ରୁର ହୋତାଙ୍କ ସଂଯୋଜନାରେ କବିୟିତ୍ରୀ ଓ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ରାଧେଶ୍ୟାମ ପଣ୍ଡା, ଅକ୍ରୁର ହୋତା, ରାଧେଶ୍ୟାମ ମିଶ୍ର, କିଶୋର ହୋତା, ଯୁଗଳ ମିଶ୍ର, ଅମିୟ କୁମାର ପାତ୍ର, ପଦ୍ମନାଭ ପଣ୍ଡା, ସବିତା ହୋତା, ଅଧ୍ୟାପିକା ସନ୍ତୋଷିନୀ ନାଏକ, ଅକ୍ଷୟ କୁମାର ରାଏ, ଶୁଭେନ୍ଦୁ ମେହେର, ଶ୍ୟାମଗୋପାଳ ହୋତା, ପ୍ରହ୍ଲାଦ ନାଏକ, ଅକ୍ଷୟ ସରାଫଙ୍କ ସମେତ ପ୍ରାୟ ୪୦ରୁ ଅଧିକ କବିୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଶୁଭେନ୍ଦୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ମାସରେ ଭୀମ ଭୋଇ ସମାଧି ପୀଠ ଖଲିଆପାଲିଠାରେ ସପ୍ତଦୀପା ସାହିତ୍ୟ ସଂସଦର ପରବର୍ତ୍ତୀ ଭ୍ରାମ୍ୟମାଣ ସାରସ୍ୱତ ସମାରୋହ ଅନୁଷ୍ଠିତ ହେବାର ରହିଛି ବୋଲି ଅନୁଷ୍ଠାନ ସଭାପତି ପଣ୍ଡା ସୂଚନା ଦେଇଛନ୍ତି।

## ମଣ୍ଡି ଖୋଲିଲା: ପ୍ରଥମ ଦିନ ୨୩୮ କୁଇଣ୍ଟାଲ ବିକ୍ରି

**ବିନିକା, ୫।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଆରଏମସିରେ ସୋମବାର ଧାନମଣ୍ଡି ଖୋଲିଛି। ଅତିରିକ୍ତ ଜିଲାପାଳ ମିଶି ପୁନମ ମିଞ୍ଜ ଏହାକୁ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଚାଷୀ ନେତା ଭୀମସେନ ସାହୁ, ସର୍ଜନ ପଣ୍ଡା, ବିଡିଓ ବ୍ୟାସଦେବ ବେହେରା, ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ, ଆରଏମସି ସେକ୍ରେଟାରୀ ଉଦିତ ବାବୁ, ମିଶନ ଶକ୍ତି ଡିପିସି କାର୍ତ୍ତିକ ଚନ୍ଦ୍ର ନାଏକ, ସମବାୟ ସମିତି ସଭାପତି ଆନନ୍ଦ ବାବୁ, ସମବାୟ ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ, ମିଲ୍ ମାଲିକ ମମତାଜ ପଣ୍ଡା, ସର୍ଜନ ଅଗ୍ରୱାଲା, ବୁଲୁ ପାତ୍ର, ଆଦିକନ୍ଦ ବାବୁ, ବ୍ୟାଙ୍କ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ଦାସ, ତପସ୍ୱିନୀ ମେହେରଙ୍କ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମ ଚାଷୀ ଭାବେ ଗୁଲୁଣ୍ଡା ର ସତ୍ୟ ନାରାୟଣ ଜଗଦଲା ଧାନ ବିକ୍ରୟ କରିଥିଲେ। ପ୍ରଥମ ଦିନରେ ମୋଟ ୨୩୮ କୁଇଣ୍ଟାଲ ଧାନକ୍ରୟ ହୋଇଥିଲା

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଅତିରିକ୍ତ ଜିଲାପାଳ ଓ ଏସ୍‌ପି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ସୋନପୁର,୫।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୩ ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୦ ଓ ସାମୂହିକ ଦରଖାସ୍ତ ୩ ଗୋଟି ଗ୍ରହଣ କରାଯାଇଥିଲା। ଗ୍ରହଣ କରା ଯାଇଥିବା ୨ଟି ଦରଖାସ୍ତକୁ ତୁରନ୍ତ ସମାଧାନ କରାଯାଇଥିବା ବେଳେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନ୍ୟ ଦରଖାସ୍ତଗୁଡିକୁ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଇଂ ବିଭୁପ୍ରସାଦ ପଣ୍ଡା, ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀ, ତହସିଲଦାର ନବୀନ କିଶୋର ପାଢୀ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲା କଲ୍ୟାଣ ଅଧିକାରୀ ପାଲାକା ରବିନ୍ଦ୍ର, ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ଅବସରରେ ନିଶା ମୁକ୍ତ ଭାରତ ଅଭିଯାନ ପରିପ୍ରେକ୍ଷିରେ ଅବକାରୀ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

## ସ୍କୁଲସ୍ତରୀୟ ବିଜ୍ଞାନମେଳା


ମେଳାରେ ଜଣେ ଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଅମରପାଲି, ୫।୧୨(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ମେଳାରେ ମାରାତ୍ମକ ରାସାୟନିକ ପଦାର୍ଥର ବିକଳ୍ପ ଓ ସମାଧାନ, ତାରିଖରୁ ବାର ନିର୍ଣ୍ଣୟ, ନୂତନ ମାପ ଯନ୍ତ୍ର, ବର୍ଷାଜଳ ସଂରକ୍ଷଣ, ଜୈବିକ ପେଷ୍ଟ ତିଆରି ଭଳି ପ୍ରାୟ ୨୦ରୁ ଅଧିକ ବିଜ୍ଞାନ ଓ ଗଣିତଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସ୍କୁଲର ଛାତ୍ରୀଛାତ୍ରମାନେ ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ବିଜ୍ଞାନ ଶିକ୍ଷକ ସମ୍ବିତ ପ୍ରଧାନ ଓ ପଦ୍ମନାଭ ପ୍ରଧାନ ବିଚାରକ ଭାବେ ଯୋଗଦେଇ ପ୍ରଦର୍ଶିତ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଶ୍ରେଷ୍ଠ ତିନି ପ୍ରକଳ୍ପକୁ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ପାଇଁ ଚୟନ କରାଯାଇଛି। ସ୍କୁଲର ଶ୍ଳୋକ ମିଶ୍ର, ଶ୍ରଦ୍ଧା ସୁମନ ପ୍ରଧାନ ଓ କୁନ୍ତି ସାହୁ ଆଗାମୀ ୭ ତରିଖରେ ବୀରମହାରାଜପୁର ବାଳିକା ହାଇସ୍କୁଲରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ଥିଲା। ଶିକ୍ଷକ କହ୍ନେଇ ଚରଣ ପ୍ରଧାନ, ନଟବର ରଣା, ଶ୍ୟାମ ସୁନ୍ଦର ସେଠୀ, ବ୍ରହ୍ମାନନ୍ଦ ପ୍ରଧାନ, ନଟିଆ ଚରଣ ସାହୁ, ଜଗନ୍ନାଥ ସାହୁ, ଗୋବର୍ଦ୍ଧନ ନାଏକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଛତୁଆ ବଣ୍ଟନକୁ ଅଙ୍ଗନୱାଡି କର୍ମୀଙ୍କ ବିରୋଧ

**ଅମରପାଲି, ୫।୧୨(ଡି.ଏନ.ଏ.)**

ଭାରତୀୟ ମଜଦୁର ସଂଘ ପରିଚାଳିତ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ ତରଫରୁ ଗତ ୧୫ଦିନ ହେଲା ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଛି। ଏହା ସହିତ ପ୍ରତ୍ୟେକ ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ଆଠ ଦଫା ଦାବିନେଇ ଆନ୍ଦୋଳନରେ କରୁଛନ୍ତି। ଫଳରେ ଛତୁଆ ବଣ୍ଟନ ମଧ୍ୟ ବନ୍ଦ ରହିଛି। ବିଭାଗ ତରଫରୁ ଶିଶୁଙ୍କୁ ବଣ୍ଟନ କରିବା ପାଇଁ ଛତୁଆ ବଣ୍ଟନରେ ଛତୁଆ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଥିଲା। ଫଳରେ ସୋମବାର କର୍ଡାପାଲସ୍ଥିତ ଛତୁଆ ପ୍ରସ୍ତୁତ କରୁଥିବା ବିଶ୍ୱ ଏସ୍ଏଚ୍‌ଜି ଛତୁଆ ବଣ୍ଟନ ବେଳେ ଅଙ୍ଗନୱାଡି କର୍ମୀମାନେ ବିରୋଧ କରି ଗାଡି କୁ ଛାଡି ନ ଥିଲେ। ଫଳରେ ଛତୁଆ ବଣ୍ଟନ ହୋଇପାରି ନାହିଁ। ଅଙ୍ଗନୱାଡି କର୍ମୀମାନେ ଜଟେସିଙ୍ଘାରେ ମଧ୍ୟ ଛତୁଆ ବଣ୍ଟନକୁ ବିରୋଧ କରି ଛତୁଆ ବଣ୍ଟନ ବନ୍ଦ କରିଥିଲେ।

## ଦିଗଶିରା ଧାନମଣ୍ଡି ଉଦ୍‌ଘାଟିତ

**ଡୁଙ୍ଗୁରିପାଲି, ୫।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଉପବଜାର ପରିସରରେ ଖରିଫ ଧାନସଂଗ୍ରହ ସୋମବାର ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ନିସିପୁନମ ମିଞ୍ଜ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବିଡିଓ ତ୍ରିପୁର ମହାନନ୍ଦ, ଦିଗଶିରା ସମିତି ସଭ୍ୟା ମମତା ମହାନନ୍ଦ, ଏସିଏସଓ ତ୍ରିନାଥ ଭୋଇ, ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ବିଏମପୁର ଏସିଏସଓ ଲଳିତ ମୋହନ ପଟ୍ଟନାୟକ, ଏଆରସିଏସ ଲଳିତ ମାଝି, ଡିପିସି କାର୍ତ୍ତିକ ନାଏକ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ, ଡୁଙ୍ଗୁରିପାଲି ଯୋଗାଣ ନିରକ୍ଷକ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଚାଷୀ ଧାର୍ଯ୍ୟ ସମୟରେ ଧାନ କିପରି ବିକ୍ରି କରିପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ସମଲେଶରୀ ସ୍ୱୟଂ ସହାୟକ ମହିଳା ଏସ୍‌ଏଚ୍‌ଜି କମିଟି ସଭାପତି ବେଦ ଦୀପ, ସମ୍ପାଦକ ରାଜେଶରୀ ସୁନା ଓ ବିଶ୍ୱନାଥ ମେହେର ଉପସ୍ଥିତ ଥିଲେ। ଡୁଙ୍ଗୁରିପାଲି ଆରଏମସିରେ ଡୁଙ୍ଗୁରିପାଲି ଓ ସହିଲା ପାକ୍ସରେ ଧାନକ୍ରୟ ଆରମ୍ଭ ହୋଇଛି। ଏହାକୁ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଉଦ୍‌ଘାଟନ କରିଥିଲେ। ଡୁଙ୍ଗୁରିପାଲି ପାକ୍ସ ସମ୍ପାଦକ ରବିନ୍ଦ୍ର ବିଶ୍ୱାଳ, ସହଲାପେକ୍ସ ସମ୍ପାଦକ ନିତେଇ ପଣ୍ଡା, ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ମିଲର୍ସ ଓ ଚାଷୀ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଡୁଙ୍ଗୁରିପାଲି ମଣ୍ଡିରୁ ୨ଚାଷୀଙ୍କ ୪୪କୁଇଣ୍ଟାଲ ୪୨କେଜି ଓ ସହଲା ପାକ୍ସରୁ ୩ଚାଷୀଙ୍କ ୨୨୩ କୁଇଣ୍ଟାଲ ୮୦ କେଜି ଧାନ କ୍ରୟ ହୋଇଥିଲା। ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଦିଗସିରା ଉପ ବଜାରରେ ଅତିଥିମାନେ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

## ପ୍ରାଚୀନ ସୁବର୍ଣ୍ଣପୁର ଦକ୍ଷିଣ କୋଶଳର ଅଂଶ ଥିଲା

**ଅମରପାଲି,୫।୧୨(ଡି.ଏନ.ଏ.)**



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର କଲେଜ ଇତିହାସ ବିଭାଗ ଆଲୋଚନାଚକ୍ର**

ପ୍ରାଚୀନ ସୁବର୍ଣ୍ଣପୁର ଦକ୍ଷିଣ କୋଶଳ ସାମ୍ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ଭାବରେ ପରିଗଣିତ ହେଉଥିଲା। ଏଠାରେ ଭଞ୍ଜ, ସୋମବଂଶୀ, ଗଙ୍ଗ, ତେଲଗୁ ଚୋଡ, କଳାଚୁରୀ, ଚୌହାନ ପ୍ରଭୃତି ରାଜବଂଶ ଶାସନ କରୁଥିଲେ। ସୋମବଂଶୀ, ତେଲଗୁ ଚୋଡ଼ ଓ ଚୌହାନମାନଙ୍କ ସମୟରେ ସୁବର୍ଣ୍ଣପୁର ସହର ରାଜଧାନୀ ଥିଲା। ଏହା ଶୈବ, ବୈଷ୍ଣବ, ଶାକ୍ତ ଓ ବୌଦ୍ଧ ଧର୍ମର ପ୍ରଧାନ କେନ୍ଦ୍ରସ୍ଥଳୀ ଥିଲା। ବଜ୍ରଜାନ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ଇନ୍ଦ୍ରଭୂତିଙ୍କ ଭଉଣୀ ତଥା ସହଜ ଯାନର ପ୍ରତିଷ୍ଠାତା ଲକ୍ଷ୍ମୀଙ୍କରା ସୋନପୁର ରାଜ୍ୟର ରାଣୀ ଥିଲେ। ସୁବର୍ଣ୍ଣପୁର ଇତିହାସ ବିନା ଓଡ଼ିଶା ଇତିହାସ ପୂର୍ଣ୍ଣାଙ୍ଗ ହୋଇ ପାରିବ ନାହିଁ ବୋଲି ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ‘ସୁବର୍ଣ୍ଣପୁର ଇତିହାସର ସ୍ୱର୍ଣ୍ଣିମ ସ୍ୱାକ୍ଷର’ ଶୀର୍ଷକ ଆଲୋଚନାଚକ୍ରରେ ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

କଲେଜର ଇତିହାସ ବିଭାଗ ତରଫରୁ ହରିହର ଯୋର ନଦୀପଠାରେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟାପକ ସତ୍ୟ ନାରାୟଣ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଭାଗୀୟ ମୁଖ୍ୟ ଡ. ହିମାଂଶୁ ଶେଖର ପାଢ଼ୀ, ସମ୍ମାନିତ ଅତିଥି ଶିକ୍ଷା ବିଭାଗ ମୁଖ୍ୟ ବିଜୟ କୁମାର ପ୍ରଧାନ ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର ଝା ଯୋଗଦେଇ ବିଷୟଭିତ୍ତିକ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହାଶ୍ୱେତା କ୍ଷେତି, ସୁଧୀର ହୋତା, ଦେବେନ୍ଦ୍ର ଭୋଇ, ପାୟଲ ବିଶ୍ୱାଳ, ସୀମା ବାରିକ, ରାଜେଶ ସାହୁ, ଶୁଭଶ୍ରୀ ପ୍ରଧାନ, ସୀମା ମହାକୁର, ସ୍ମିତାରାଣୀ ମହାକୁର, ପୂଜାରାଣୀ ରାଉତ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ସଭା ସଂଯୋଜନା କରିଥିଲେ ଅଧ୍ୟାପିକା ବନ୍ଦିତା ବିଶ୍ୱାଳ। ଏହି ଅବସରରେ ଇତିହାସ ବିଭାଗରେ ଯୋଗ ଦେଇଥିବା ବରିଷ୍ଠ ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀଙ୍କୁ ସଭାପତି ଦାଶ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଏହା ସହିତ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ପିଲାମାନେ ସ୍ୱାଗତ କରିଥିଲେ। ପରେ ବିଭାଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପିଙ୍କୁ ପ୍ରଧାନ, ଗୌରାଙ୍ଗ ସାହୁ, ରାଜେଶ ପ୍ରଧାନ, ସୁଧୀର ହୋତା, ଜଗଦୀଶ ପ୍ରଧାନ କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ।

**ବଡ଼ମାଳରେ ଧାନମଣ୍ଡି ଶୁଭାରମ୍ଭ**

ଜମନକିରା (ଡି.ଏନ.ଏ.): ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତରେ ସରପଞ୍ଚ ନରେଶ କୁମାର ନାୟକଙ୍କ ଦ୍ୱାରା ଧାନମଣ୍ଡି ଆରମ୍ଭ ହୋଇଛି। ଏହି ଅବସରରେ ଜମନକିରା ଲ୍ୟାମ୍ପ ସଭାପତି ଉମାକାନ୍ତ ପ୍ରଧାନ, ଜମନକିରା ଲ୍ୟାମ୍ପ ଏମ୍‌ଡି କୁଶଲାଲ ପଟେଲ, ଲ୍ୟାମ୍ପ ଡାଇରେକ୍ଟର ଆଦି ପ୍ରସାଦ ମାହାକୁଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପଶ୍ଚିମଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଡ. ବିଆର୍ ଆମ୍ବେଡକରଙ୍କ ପରିନିର୍ମାଣ ଦିବସ, ସାମ୍ବାଦିକ ଭବନ, ପୂର୍ବାହ୍ଣ ୧୧ଟା ।
- ମାନେଶ୍ୱର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ବଡେମୁରା ଉଚ୍ଚବିଦ୍ୟାଳୟ ଖେଳପଡ଼ିଆ, ଅପରାହ୍ଣ ୨ଟା ।

## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିରରେ ଭାଗବତ ଗୀତା ଯଜ୍ଞ

**ବ୍ରଜରାଜନଗର,୫।୧୨(ଡି.ଏନ.ଏ.):** ବ୍ରଜରାଜନଗର ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜାଗ୍ରନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପଶ୍ଚିମାଞ୍ଚଳ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସହରର ଶତାଧିକ ମହିଳାପୁରୁଷ ଅଂଶଗ୍ରହଣ କରି ଶ୍ରୀମଦ୍ ଭାଗବତ ପାଠ କରିଥିଲେ। ଶ୍ରୀକ୍ଷେତ୍ର ପୀଠରୁ ବ୍ରାହ୍ମଣ ସଚ ଦାସ ଯୋଗଦାନ କରି ଯଜ୍ଞ ଓ ଗୀତା ପାଠ କରାଇଥିଲେ। ଜଗନ୍ନାଥ ଚେତନା ସମିତି ପଶ୍ଚିମାଞ୍ଚଳ ଅଧକ୍ଷ ଚିନ୍ତାମଣି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଆନ୍ତଃକ୍ଷେତ୍ରୀୟ କ୍ୟାରମ ପ୍ରତିଯୋଗିତା ଉଦ୍‌ଘାଟିତ

**ବ୍ରଜରାଜନଗର,୫।୧୨(ଡି.ଏନ.ଏ.):** ମହାନଦୀ କୋଇଲା କମ୍ପାନୀର ଓରିଏଣ୍ଟ କ୍ଷେତ୍ର ଦ୍ୱାରା ଆୟୋଜିତ ଆନ୍ତକ୍ଷେତ୍ରୀୟ କ୍ୟାରମ ପ୍ରତିଯୋଗିତା ସ୍ଥାନୀୟ ନେତାଜୀ ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଓରିଏଣ୍ଟ କ୍ଷେତ୍ର ମହାପ୍ରବନ୍ଧକ ମେହେମୁଦ ମିଆଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ପି.କେ. ସୋନି ପ୍ରକାଶ କରିଛନ୍ତି।

### ଦେଶୀ ରନ୍ଧାମଦ ଜବତ, ୫ ଗିରଫ

**ଝାରସୁଗୁଡ଼ା ଅଫିସ,୫।୧୨:** ଝାରସୁଗୁଡା ଜିଲା ଅବକାରୀ ବିଭାଗ ମୋବାଇଲ୍ ଟିମ୍ ସୋମବାର ବନହରପାଲି ଥାନା ଅଞ୍ଚଳରେ ଚଢାଉକରି ୧୧୫ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବନ୍ଧବହାଲ ମହାଦେବପଡାର ସୁଦର୍ଶନ କଣ୍ଟା, ଖଡାମ ପାର୍ବତୀନଗରର କୁନ୍ତି ବାଗ୍, ତଲିବାହାଲର ସଞ୍ଜୟ ଓରାମ, ଖଡାମ ଗ୍ରାମର ଅଶୋକ ନୂର୍ଚ୍ଚନିଆଁ ଓ କେରୁଆଲବାହାଲର ମନ୍ଦିନୀ ଅରାମ। ଏମାନେ ବେଆଇନ ଭାବେ ଦେଶୀ ମଦ ରାନ୍ଧି ବିକ୍ରି କରୁଥିବା ଖବରପାଇ ଜିଲାର ସ୍ୱତନ୍ତ୍ର ମୋବାଇଲ୍ ଟିମ୍ ଚଢାଉ କରି ଧରିଥିଲା। ଏହି ଚଢାଉରେ ମୋବାଇଲ୍ ଟିମ୍‌ର ଇନ୍ସପେକ୍ଟର କ୍ଷିତିଶ ଦାସ, ସବ୍‌ଇନ୍ସପେକ୍ଟର ଚିନ୍ମୟ ଦଳାଇ, କନଷ୍ଟେବଲ ସୁମିତ୍ରା ଟୁଡୁ, ସୁଶିଲ କୁମାର ମିର୍ଦ୍ଧା ସାମିଲ ହୋଇଥିଲେ ।

### ଗୁମାଡେରା ଜଗନ୍ନାଥ ମନ୍ଦିରରେ ଗୀତାଯଜ୍ଞ

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୫।୧୨:** ବେଲପାହାଡ ଗୁମାଡେରା ଜଗନ୍ନାଥ ମନ୍ଦିରରେ ସୋମବାର ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦେବଦେବୀଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ ପରେ ଗୀତାପାଠ କରାଯାଇଥିଲା। କର୍ତ୍ତା ଭାବେ ସସ୍ତ୍ରୀକ ଦୀପକ ସିଂ ପୂଜା କାର୍ଯ୍ୟ ତୁଲାଇ ଥିଲାବେଳେ ପଣ୍ଡିତ ସୁରେଶ ଚନ୍ଦ୍ର କର, ଅଶୋକ ଦାଶ, ଶିବ ଚରଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପୂଜାର୍ଚ୍ଚନା ସହ ଗୀତା ପାଠ କରିଥିଲେ। ମନ୍ଦିର ପୂଜକ ବ୍ରଜସୁନ୍ଦର ଶତପଥୀ, ରଙ୍ଗାଧର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଜମିଦାର ବ୍ରଜକିଶୋର ସିଂଦେଓଙ୍କ ସମେତ ସଚ୍ଚିଦାନନ୍ଦ ପଣ୍ଡା, ବାସୁଦେବ ନନ୍ଦ, ହିମାଂଶୁ ପଣ୍ଡା, ନାରାୟଣ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ

**ଝାରସୁଗୁଡ଼ା ଅଫିସ,୫।୧୨:** ସ୍ଥାନୀୟ ପଞ୍ଚପଡାସ୍ଥିତ ଭାସ୍କର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ସୁରଜ ପଟେଲଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବ୍ଲକର ବହୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ। ଝାରସୁଗୁଡ଼ା ବ୍ଲକର ଅବସରପ୍ରାପ୍ତ ଏବିଇଓ ସୂର୍ଯ୍ୟମଣୀ ଦଳାଇ ମୁଖ୍ୟଅତିଥି ଓ ବିଇଓ ଯଶୋବନ୍ତ ସାହୁ, ଏବିଇଓ ରବୀନ୍ଦ୍ର ସାହୁ, ଅଜୟ କୁମାର ପାଇଯୋଶୀ, ସୁଶାନ୍ତ କୁମାର ହୋତା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସସ୍ମିତା ନାୟକ ସଭା ପରିଚାଳନା କରିଥିଲେ।

# ୮ କର୍ମଚାରୀଙ୍କ ସମୂହ ଇସ୍ତଫା

**ଠିକା କମ୍ପାନୀର ୪ ଡ୍ରାଇଭରଙ୍କୁ ମାଡ଼ ମାରିବା ଘଟଣା**

**ସମ୍ବଲପୁର,୫।୧୨(ବ୍ୟୁରୋ)**



ଇସ୍ତଫା ଦେଇଥିବା ସମସ୍ତ କର୍ମଚାରୀ ଓ ଜନସାଧାରଣ ।

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥ ନିର୍ମାଣ କାମ କରୁଥିବା ଠିକା କମ୍ପାନୀ ଏଆଇପିଏଲ୍‌ର ସମ୍ବଲପୁର ଜିଲା ଗଡ଼ଗଡ଼ ବାହାଲସ୍ଥିତ କ୍ୟାମ୍ପ ପରିସର ଷ୍ଟୋରରୁମରୁ ଗୁରୁତର ଅବସ୍ଥାରେ ୪ଜଣ ଡ୍ରାଇଭରଙ୍କୁ ଯୁଯୁମୁରା ପୋଲିସ ଉଦ୍ଧାର କରିଥିଲା। ମେଡିକାଲରେ ଚିକିତ୍ସା ପରେ ଆହତ ଡ୍ରାଇଭରମାନଙ୍କୁ ଚୁକ୍ତିନାମା ଲେଖାଇ ପୋଲିସ ଛାଡ଼ି ଦେଇଥିଲା। ସୋମବାର ଏହି ଘଟଣା ଭିନ୍ନ ରୂପ ନେଇଥିଲା। କ୍ୟାମ୍ପରେ ଥିବା ଅନ୍ୟ କେତେଜଣ କର୍ମଚାରୀଙ୍କ ସମେତ ସମସ୍ତ ଡ୍ରାଇଭର, ଅପରେଟର ମାଡ଼ ଭୟରେ ସମୂହ ଇସ୍ତଫା ଦେଇଥିଲେ। ହେଲେ କମ୍ପାନୀ ସେମାନଙ୍କ ଲାଇସେନ୍ସ, ଆଧାରକାର୍ଡ ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଫେରାଇବାକୁ ରାଜି ହୋଇ ନ ଥିଲା। ଏହାକୁ ନେଇ ସ୍ଥାନୀୟ ଡ୍ରାଇଭର ସଂଘ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଧାରଣା ଦେଇଥିଲେ। ଖବର ପାଇ ଯୁଯୁମୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲା। ପରେ କମ୍ପାନୀ ପ୍ରମାଣପତ୍ର ଫେରାଇବାରୁ ସେମାନେ କ୍ୟାମ୍ପ ଛାଡ଼ି ଘରକୁ ଚାଲିଯାଇଥିଲେ। ଅନ୍ୟପଟେ ୪ଜଣ ଡ୍ରାଇଭରଙ୍କୁ କମ୍ପାନୀର କ୍ୟାମ୍ପ ପରିସରରେ ମାରପିଟ କରାଯାଉଥିବା ଭିଡିଓ ଭାଇରାଲ ହୋଇଛି। ଉକ୍ତ ଭିଡିଓ ରାତ୍ରି ସମୟର ହୋଇଥିବାରୁ ସ୍ପଷ୍ଟ ହେଉ ନ ଥିଲେ ମଧ୍ୟ ସଂଘବଦ୍ଧ ଭାବେ ଡ୍ରାଇଭରମାନଙ୍କୁ ମାଡ଼ ମରାଯାଉଥିବା ଦୃଶ୍ୟ ହେଉଛି। କମ୍ପାନୀ କର୍ମଚାରୀ ୪ଜଣ ଡ୍ରାଇଭର ବିହାର ଛପରା ଜିଲାର କମଳେଶ କୁମାର, ଅମିତ କୁମାର ରଏ, ରାଜା କୁମାର ଓ ମଣ୍ଟୁ ପ୍ରସାଦ ରଏଙ୍କୁ ଥାନାରୁ ନେଇ ଘରକୁ ଯିବାପାଇଁ ଷ୍ଟେଶନରେ ଛାଡ଼ିଛନ୍ତି। ଡ୍ରାଇଭର ଅମିତଙ୍କ ପରିବାର ଅଭିଯୋଗ କରିଛନ୍ତି, ଆଇନ ହାତକୁ ନେଇ କମ୍ପାନୀ ଜୀବନରେ ମାରିଦେବାକୁ ଉଦ୍ୟମ କରିଛି, ଯାହା ସମ୍ପୂର୍ଣ୍ଣ ଭୁଲ। ସେହିପରି ଡ୍ରାଇଭର ମହାସଂଘର ସଦସ୍ୟମାନେ ଘଟଣାରେ ଉଦ୍‌ବେଗ ପ୍ରକାଶ କରି ଠିକା କମ୍ପାନୀ କ୍ୟାମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଘଟଣା ସମ୍ବେଦନଶୀଳ। ପୋଲିସ ଡ୍ରାଇଭରଙ୍କୁ ଉଦ୍ଧାର କରି ଡାକ୍ତରୀ ପରୀକ୍ଷା ପରେ ଥାନାକୁ ଆଣିଥିଲା। ସେମାନଙ୍କୁ ଅଭିଯୋଗ କରିବା ପାଇଁ କୁହାଯାଇଥିଲା। ହେଲେ ସେମାନେ ଥାନା କିମ୍ବା କୋର୍ଟରେ ଅଭିଯୋଗ କରିବେ ନାହିଁ ବୋଲି ଲିଖିତ ଜଣାଇଥିଲେ। ତଥାପି ରେଢ଼ାଖୋଲ ଏସଡିପିଓଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଅନୁଗୋଳ ଜିଲାରେ କମ୍ପାନୀର ତେଲ ଚୋରି ହୋଇଥିବା ଘଟଣାରେ ଏମାନଙ୍କୁ ମାରପିଟ କରିଛନ୍ତି। ହେଲେ କମ୍ପାନୀ ପକ୍ଷରୁ ତେଲ ଚୋରି ନେଇ ଅଭିଯୋଗ କରାଯାଇନାହିଁ। କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟରେ ସନ୍ଦେହ ଆସୁଛି ବୋଲି କହିଥିଲେ।

# ଲିପ୍‌ସା ମହାରଣାଙ୍କୁ ଟାଇଟଲ

**ଭଏସ୍ ଅଫ୍ ୱେଷ୍ଟର୍ନ ଓଡ଼ିଶା-୨୦୨୨**

**ସମ୍ବଲପୁର,୫।୧୨(ବ୍ୟୁରୋ)**

ଭଏସ ଅଫ ୱେଷ୍ଟର୍ଣ୍ଣ ଓଡ଼ିଶା-୨୦୨୨ର ୧୨ତମ ସଂସ୍କରଣ ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ଅନୁଷ୍ଠାନ ରଙ୍ଗୋଲି ଆୟୋଜିତ ପ୍ରତିଯୋଗିତାରେ ଲିପ୍‌ସା ମହାରଣା ଭଏସ ଅଫ ୱେଷ୍ଟର୍ଣ୍ଣ ଓଡ଼ିଶା ଟାଇଟଲ ହାସଲ କରିଛନ୍ତି। ଏଥିରେ କଳାହାଣ୍ଡି, ବରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାର ୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷ ପବିତ୍ର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ସଙ୍ଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ, ସତ୍ୟନାରାୟଣ ତ୍ରିପାଠୀ, ଅର୍ପିତା ବେହେରା ଏହାକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏଲ୍‌ଆଇସି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ବି.ଏଲ୍. ଦାସ, ବରିଷ୍ଠ ଅଧିକାରୀ ଶରତ ପଣ୍ଡା ଓ ସାମାଜିକ କର୍ମୀ ମାଧବ ଡାଲମିଆ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ଭାଗିରଥି ସିଂଦେଓ ସୂଚନା ପ୍ରଦାନ କରିଥିଲେ। ବେଦଶ୍ରୁତି ମହାପାତ୍ର, ଅନଙ୍ଗ ସାଏ ଦେଓ, ଶ୍ରୀନୁ ଦାସ ବିଚାରକ ଦାୟିତ୍ୱ ତୁଲାଇଥିଲେ।

# କୁଚିଣ୍ଡାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି



ଶିବିରରେ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

**କୁଚିଣ୍ଡା,୫।୧୨(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟର ପରିସରରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଅତିରିକ୍ତ ବିଡିଓ ସହଦେବ ନନ୍ଦଙ୍କ ସମେତ କୃଷି, ପାନୀୟଜଳ, ବିଦ୍ୟୁତ୍, ଶିକ୍ଷା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ବ୍ଲକର ୧୭ ଗୋଟି ପଞ୍ଚାୟତରୁ ଆସିଥିବା ୧୦ଗୋଟି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ଏଥିମଧ୍ୟରେ ୮ଟି ବ୍ୟକ୍ତିଗତ ଓ ୨ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଏଥିରେ ବ୍ଲକ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ଆକାଉଣ୍ଟ ଅଫିସର ଅଜୟ ବାଗେ ସହାୟତା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଘର ଦାବିପତ୍ର

**ସମ୍ବଲପୁର,୫।୧୨(ବ୍ୟୁରୋ)**



ଆର୍‌ଡିସି କାର୍ଯ୍ୟାଳୟ ଅନୁସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଘ ସମ୍ବଲପୁର ଜୋନ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର ସଂଘର କର୍ମକର୍ତ୍ତା ଏକତ୍ରିତ ହୋଇ ଆର୍‌ଡିସି କାର୍ଯ୍ୟାଳୟର ଅନୁସଚିବ ଶଙ୍କର୍ଷଣ ବେହେରାଙ୍କୁ ଦାବିପତ୍ର ଦେଇଥିଲେ। ଆଗାମୀ ୧୫ଦିନ ମଧ୍ୟରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି। ଅସ୍ଥାୟୀ ସିଏଲ୍‌ଆର୍/ଡିଏଲ୍‌ଆର୍/ଏଚ୍‌ଆର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଜିଲା ଅଧୀନ ଜନସ୍ୱାସ୍ଥ୍ୟ ବିଭାଗରେ ଦୀର୍ଘ ୨୦ରୁ ୨୫ବର୍ଷ ହେବ ସିଏଲ୍‌ଆର ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ତେଣୁ ରାଜ୍ୟ ସରକାର ଏ ନେଇ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ଜୋନାଲ ସମ୍ପାଦକ ସଦାଶିବ ବିଷୋଇ ଓ ସୋନପୁର ଶାଖା ସମ୍ପାଦକ ସତ୍ୟନାରାୟଣ ବଗର୍ତ୍ତି କହିଛନ୍ତି।

## ଆଜି ସକାଳ ୮ରୁ ବିଦ୍ୟୁତ୍ ଯୋଗାଣ ବନ୍ଦ

**ଓପିଟିସିଏଲ୍ ପକ୍ଷରୁ ଗ୍ରୀଡ୍ ରକ୍ଷଣାବେକ୍ଷଣ କାର୍ଯ୍ୟ**

**ସମ୍ବଲପୁର,୫।୧୨(ବ୍ୟୁରୋ)**

ଓପିଟିସିଏଲ୍‌ର ୧୩୨/୩୩କେଭି ସୋନପୁର, ବୀରମହାରାଜପୁର ଓ ରେଙ୍ଗାଲି ଗ୍ରୀଡ୍ ସବଷ୍ଟେଶନରେ ସ୍ୱିଚୟାର୍ଡ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ। ତେଣୁ ସୋନପୁର ଜିଲାର ସୋନପୁର, ବିନିକା, ତରଭା, ଖାରି, ବୀରମହାରାଜପୁର, ସୁବଳୟା, ଉଲୁଣ୍ଡା, ମହାଦେବପାଲି, ଚେରୁପାଲି ଏବଂ ଦେବଗଡ଼ ଜିଲାର ବୁଢ଼ାପାଳ, କୁଣ୍ଡେଇଗୋଳା, ପଲସମା, ସେଣ୍ଢା ପ୍ରଭୃତି ଅଞ୍ଚଳରେ ମଙ୍ଗଳବାର ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଗ୍ରାହକମାନେ ସହଯୋଗ କରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

# ରେଢ଼ାଖୋଲରେ ଯୁଗ୍ମ ଅଭିଯୋଗ ଶୁଣାଣି



ଶିବିରରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

**ରେଢ଼ାଖୋଲ,୫।୧୨(ଡି.ଏନ.ଏ.)**

ରେଢାଖୋଲ ବ୍ଲକ ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାଶ ଓ ଏସ୍‌ପି ବାତୁଲା ଗଙ୍ଗାଧର ଯୋଗଦେଇ ସମୁଦାୟ ୫୭ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଓ ୧୮ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଶିବିରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଙ୍କଜ ପଟେଲ, ଜିଲା ଶିକ୍ଷା ଅଧିକାରୀ ମୀନାରାଣି ମଙ୍ଗଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳ, ଉପଜିଲାପାଳ ପବିତ୍ର ବେହେରା, ବିଡିଓ ମନୋଜ କୁମାର ମେହେର, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନଙ୍କ ସମେତ ଜିଲା ଓ ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ରେଢାଖୋଲରୁ ବନ୍ତଲୋଇ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ରାସ୍ତାର ଦୁରବସ୍ଥା ନେଇ ସରପଞ୍ଚ ରାଜା ପାଲଙ୍କ ଅଭିଯୋଗ ଉପରେ ୧୫ଦିନ ମଧ୍ୟରେ ଟେଣ୍ଡର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜଳବିଭାଜିକା ପ୍ରକଳ୍ପ ଯୋଜନାରେ ବଡବାହାଳ ପଞ୍ଚାୟତ ହାତିବାହାଳ ଗ୍ରାମର କଳ୍ପତରୁ ପ୍ରଧାନ ଓ ନିଳମଣି ପ୍ରଧାନଙ୍କ ବନ୍ଧ (ଫାର୍ମପଣ୍ଡ) ଖୋଳା ନ ଯାଇ ବିଲ କରି ଟଙ୍କା ଉଠାଯାଇଥିବା ନେଇ ହିତାଧିକାରୀଙ୍କ ଅଭିଯୋଗ ଉପରେ ଜିଲାପାଳ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଜନଶୁଣାଣି ପରେ ଜିଲାପାଳ ରେଢାଖୋଲ ସହରରେ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ, ଇକୋ ପାର୍କ, ଭରତାପୁର ୫-ଟି ସ୍କୁଲ, ଭତରା ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ମାଛଚାଷ ପୋଖରୀ, ଲଙ୍କାଚାଷ ଆଦି ବୁଲି ଦେଖିଥିଲେ।

# ଶିବିରରେ ୩୫ ଅଭିଯୋଗ ଶୁଣାଣି



ଜିଲାପାଳ ସରୋଜ କୁମାର ସାମଲ ଅଭିଯୋଗର ଶୁଣାଣି କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୫।୧୨**

ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ ଶିବିରରେ ୩୫ଗୋଟି ଅଭିଯୋଗ ଶୁଣାଣି ହୋଇଛି। ଏଥିରୁ ୭ଟି ସାମୂହିକ ଓ ୨୮ଟି ବ୍ୟକ୍ତିଗତ ରହିଥିଲା। ବବୁଆ ବଗିଚା ଅଞ୍ଚଳରେ ନାଳ ଅବରୋଧ, ସଦର ମହକୁମା ରାସ୍ତା ଓ ଗୃହ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଭେଣ୍ଡିଂ ଜୋନ ପାଇଁ ଅନୁମତି, ଚାଉଳ ସଂଗ୍ରହ କେନ୍ଦ୍ରରେ ହେଉଥିବା ଅନିୟମିତତା ଆଦି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ସେହିପରି ମଧୁବାବୁ ପେନ୍‌ସନ, ଚିକିତ୍ସା ବାବଦକୁ ଆର୍ଥିକ ସହାୟତା, ରାସ୍ତା ଅବରୋଧ, ବେଦାନ୍ତ ଅଧିଗ୍ରହଣ କରିଥିବା ଜମି ଫେରସ୍ତ, ଜମି ବିବାଦ ଓ ସୀମା ଚିହ୍ନଟ ସଂକ୍ରାନ୍ତୀୟ ୨୮ଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଶିବିରରେ ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ୧୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛ। ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ସରୋଜ କୁମାର ସାମଲ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲା ପରିଷଦ ମୁଖ୍ୟ ନିବାହୀ ଅଧିକାରୀ ତପିରାମ ମାଝି, ଡିଏଫ୍‌ଓ ଲଳିତ କୁମାର ପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲାପାଳ ଦୟାମୟ ପାଢୀ, ପିଡି (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଢ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ସାହିତ୍ୟ, ସଂସ୍କୃତି ପରିଷଦ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

**ଝାରସୁଗୁଡ଼ା ଅଫିସ,୫।୧୨**

ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଦେବାଢ଼ିହି ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରିଷଦର ପ୍ରତିଷ୍ଠାତା କୋନନ୍ଦ ମିଶ୍ର, ଅଧକ୍ଷ ଅନନ୍ତ ରାମ ସାହୁ, ଉପ ସଭାପତି ଡାକ୍ତର ପ୍ରକାଶ ଚନ୍ଦ୍ର ରାଣା, ସାଧାରଣ ସମ୍ପାଦକ ପଣ୍ଡିତ ନିକୁଞ୍ଜ ବିହାରି ଜ୍ୟୋତିଷ କାର୍ଯ୍ୟକ୍ରମ ପରିଚଳନା କରିଥିଲେ। କାର୍ଯ୍ୟକ୍ରମରେ ୮ ଗୋଟି ଗ୍ରୁପର ୨୪ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଇନ୍ଦ୍ରବତୀ ଗ୍ରୁପ ପ୍ରଥମ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପ୍ରମାଣପତ୍ର ପାଇଥିଲା। ସାହିଲ କିଷାନ, ସୁବୋଧ ମେହେର ଓ ବଳ ଦେବ ଦଡସେନା ପ୍ରମୁଖ ଜିଲାସ୍ତରୀୟ ଆନ୍ତଃସ୍କୁଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ନାକଟିଦେଉଳ,୫।୧୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ମିନି ଷ୍ଟାଡ଼ିୟମଠାରେ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବ ଡ଼ିଆଁ, ଶଟ୍‌ପୁଟ, ଡ଼ିସକସ ଥ୍ରୋ, ଜାଭେଲିନ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୀରାଲାଲ ଧଳ ସଭାପତିତ୍ୱ କରିଥିବା ବେଳେ ନାକଟିଦେଉଳ ବିଇଓ ବିଜୟ କୁମାର ପାତ୍ର, ଏବିଇଓ ଚନ୍ଦ୍ରମଣୀ ବେହେରା ପ୍ରମୁଖ ସମ୍ମାନିତ ଅତି ଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ପ୍ରକାଶ କୁମାର ପଣ୍ଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ବିନିଯୋଗ ହୋଇପାରୁନି ସରକାରୀ ଅନୁଦାନ

**ପାରୁଆଭାଡି ପଞ୍ଚାୟତ**

**କୁଚିଣ୍ଡା,୫।୧୨(ଡି.ଏନ.ଏ.)**

ଗ୍ରାମାଞ୍ଚଳର ବିକାଶ ନିମନ୍ତେ ସରକାର ବିଭିନ୍ନ ଯୋଜନାରେ ଅନୁଦାନ ଯୋଗାଇ ଦେଉଛନ୍ତି। କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତରେ ସରକାରୀ ଅନୁଦାନ ବିନିଯୋଗ ହେଉ ନ ଥିବା ଦେଖିବାକୁ ମିଳିଛି। ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପଡିରହିଥିଲେ ମଧ୍ୟ ଏଥିପ୍ରତି ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ପାରୁଆଭାଡି ରାଜିବ ଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖରେ ୨୦୧୭-୧୮ ଆର୍ଥିକ ବର୍ଷରେ ୧୪ତମ ସିଏମ୍‌ସି ଯୋଜନାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ତାହା ଅଧାପନ୍ତରିଆ ହୋଇରହିଛି। ସେହିପରି ଅବକପଟାସ ଫିଲ୍ଡଠାରେ ଗ୍ରାମୀଣ ପାର୍କ ଆରମ୍ଭ ହୋଇ ପଡିରହିଛି। ୨୦୨୦-୨୧ରେ ୫ମ ସିଏଫ୍‌ସିରୁ ୫ଲକ୍ଷ ଓ ୨୦୨୧-୨୨ରେ ୧୫ତମ ସିଏସିରୁ ୧ଲକ୍ଷ ୩୦ହଜାର ଟଙ୍କାର ଅନୁଦାନ ଆସିଥିଲେ ହେଁ କାମ ନ ହୋଇ ପଡିରହିଛି। ପାରୁଆଭାଡି ମାର୍କେଟ ମରାମତି ନିମନ୍ତେ ୨୦୨୧-୨୨ରେ ୫ତମ ସିଏଫ୍‌ସିରେ ୫ଲକ୍ଷ ଟଙ୍କାର ଅନୁଦାନ ଆସିଛି । ହେଲେ ଆଜବେଷ୍ଟସ୍ ଖୋଲି କାମକୁ ପକାଇ ରଖାଯାଇଛି। ଫଳରେ ମାର୍କେଟରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ୪ଜଣ ବ୍ୟକ୍ତିଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏହି ପଞ୍ଚାୟତ ଅଧୀନ ରାମତିଲେଇମାଲ ଗ୍ରାମର ଛୁଟିପଡା ପିଡବ୍ଲୁଡି ରାସ୍ତାରୁ ଦର୍କାପଡା ପର୍ଯ୍ୟନ୍ତ କଲଭର୍ଟ ଓ ରାସ୍ତା ଉନ୍ନତୀକରଣ ମଧ୍ୟ ଅଧାପନ୍ତରିଆ ହୋଇ ପଡିଛି। ରାମତିଲେଇମାଲ ପ୍ରାଥମିକ ସ୍କୁଲ ପାଚେରି ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି। ଏହା ୧ବର୍ଷ ହେବ ଅସମ୍ପୂର୍ଣ୍ଣ ରହିଛି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ କହିଛନ୍ତି।

# ଗାନ୍ଧୀ, ଆମ୍ବେଡକର ପରିପୂରକ ବ୍ୟକ୍ତିତ୍ୱ



ଆୟୋଜିତ ବକ୍ତୃତାମାଳାରେ ଅତିଥି ଓ ବକ୍ତାମାନେ ।

**ଆତ୍ମଶୋଧନ ବନାମ ଆତ୍ମସମ୍ମାନ ଶୀର୍ଷକ ବକ୍ତୃତାମାଳା**

**ସମ୍ବଲପୁର,୫।୧୨(ବ୍ୟୁରୋ)**

ଆତ୍ମଶୋଧନ ବନାମ ଆତ୍ମସମ୍ମାନ- ଗାନ୍ଧୀ ଓ ଆମ୍ବେଡକର ଶୀର୍ଷକ ବକ୍ତୃତାମାଳା ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ଇତିହାସ ବିଭାଗ ଓ ମହାବିଦ୍ୟାଳୟର ଆଇକ୍ୟୁଏସି ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରଫେସର ସିକତା ପଣ୍ଡା ଅଧକ୍ଷତା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଦୁର୍ଲ୍ଲଭ ସାଙ୍କ ଆବାହକତ୍ୱ ଓ ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇଙ୍କ ସଂଯୋଜନାରେ ବକ୍ତୃତାମାଳା ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରାକ୍ତନ ପ୍ରଫେସର କାମଦେବ ସାହୁ ଆଲୋଚକ ଭାବେ ଯୋଗଦେଇ ଗାନ୍ଧୀ ଓ ଆମ୍ବେଡକର ପରସ୍ପର ବିରୋଧାତ୍ମକ ନୁହନ୍ତି, ବରଂ ପରିପୂରକ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ବିଭାଗରୁ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ସତ୍ୟପ୍ରକାଶ ନନ୍ଦ, ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ଶ୍ରଦ୍ଧାମୟୀ ପୁରୋହିତ, ଅର୍ଥନୀତି ବିଭାଗର ଅଧ୍ୟାପକ ସୁଜିତ ପଧାନ ଓ ଅଧ୍ୟାପିକା ଡ. ଦିପିକା ରଥ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଇଂରାଜୀ ବିଭାଗୀୟ ମୁଖ୍ୟ ହରିହର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

